# ପ୍ରେରଣା

ଫେବୃୟାରୀ, ୨୦୨୦ ସଂସ୍କରଣ




ପ୍ରତିଷ୍ଠାତା

ଲଲିତକବି ଧ୍ରୁବ ଚରଣ ସ୍ୱାଇଁ

# ପ୍ରେରଣା

ମାସିକ ଓଡିଆ ସାହିତ୍ୟ ଇ-ପତ୍ରିକା

■ ଫେବୃୟାରୀ, ୨୦୨୦ ସଂସ୍କରଣ

**ପ୍ରତିଷ୍ଠାତା**

ଲଳିତକବି ଧ୍ରୁବ ଚରଣ ସ୍ୱାଇଁ

**ସମ୍ପାଦକ**

ଶ୍ରୀ ଦେବୀ ପ୍ରସାଦ ସ୍ୱାଇଁ

**ଆମସହ ଯୋଗାଯୋଗ**

ସମ୍ପାଦକ, ପ୍ରେରଣା ମାସିକ ଓଡିଆ ସାହିତ୍ୟ ଇ-ପତ୍ରିକା

ଜହ୍ନିତଇଳା, ବାରଦା, ଢେଙ୍କାନାଳ

ଇମେଲ୍-editor@preranaodia.com,ଦୂରଭାଷ - 8908279130

# ଛବିଟିଏ ପାଇଁ ପଦଟିଏ

The image speaks

ଏକ ଛବିର ସୀମିତ ବିଷୟବସ୍ତୁକୁ ନେଇ ପ୍ରତିଯୋଗିତାତ୍ମକ ଭାବ ଦ୍ୱାରା ନୂତନ ସାହିତ୍ୟର ସୃଷ୍ଟି ତଥା ପ୍ରିୟ ଲେଖକ/ଲେଖିକା ମାନଙ୍କ ମନରେ ଓଡିଆ ସାହିତ୍ୟ ପ୍ରତି ଅଧିକ ଉତ୍ସାହ ସୃଷ୍ଟି କରିବା ପାଇଁ "ଛବିଟିଏ ପାଇଁ ପଦଟିଏ" ଏକ କ୍ଷୁଦ୍ର ପ୍ରଚେଷ୍ଟା ।

"ଛବିଟିଏ ପାଇଁ ପଦଟିଏ" ପ୍ରତିଯୋଗିତାର ଫେବୃୟାରୀ ୨୦୨୦ ସଂସ୍କରଣ ଇତି ମଧ୍ୟରେ ସମାପ୍ତ ହୋଇଅଛି । ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ସମସ୍ତ ଲେଖକ/ଲେଖିକା ମାନଙ୍କୁ "ପ୍ରେରଣା ପରିବାର" ତରଫରୁ ଅଶେଷ ଧନ୍ୟବାଦ । ପ୍ରିୟ ଲେଖକ/ଲେଖିକା ମାନଙ୍କର ଲେଖନୀ ଦୀର୍ଘଜୀବୀ ହେଉ ଏହା ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା ।

"ଛବିଟିଏ ପାଇଁ ପଦଟିଏ", ଫେବୃୟାରୀ ୨୦୨୦ ସଂସ୍କରଣର ବିଜେତା କବିୟତ୍ରୀ ମୋନାଲିସା ବେହେରାଙ୍କୁ ଅଭିନନ୍ଦନ । ତାଙ୍କ କଲମରୁ...

ଦେଶର ଗୌରବ ଅନ୍ତରୀକ୍ଷ ଯାଏ
ନେଇଥିଲା ଦିନେ ବାହି,
ଆକାଶ ଚୁମିବା ସ୍ୱପ୍ନ ଦେଖିଥିଲା
କଳ୍ପନା ଚାୱଲା ସେଇ,
କୋଟି ହୃଦଘରେ ଚିର ସ୍ମରଣୀୟା
ହିନ୍ଦୁସ୍ତାନୀ ଝିଅ ସେଇ ।



ମୋନାଲିସା ବେହେରା

# ଉପକ୍ରମ

ପ୍ରାରମ୍ଭରୁ ଓଡିଆ ସାହିତ୍ୟ ପ୍ରତି ବିଶେଷ ଦୁର୍ବଳତା ନଥିଲେ ମଧ୍ୟ କିଞ୍ଚିତ୍ ଜିଜ୍ଞାସା ନିଶ୍ଚୟ ଥିଲା । ଯେବେ କେବେବି ବାପାଙ୍କର ଲେଖା କିଛି ପଢେ, ତାଙ୍କ ସୃଜନଶୀଳତା ଓ ସାହିତ୍ୟର ବୈସ୍ତୃତ୍ୟ ଦେଖି ଅତି ବିସ୍ମିତ ଲାଗେ । ତାଙ୍କ ଲେଖା ପରି ସୁନ୍ଦର ସାହିତ୍ୟ ଲୋକଲୋଚନରୁ ଅଦୃଷ୍ଟ ରହିଗଲା କେବଳ ସୁଯୋଗ ଏବଂ ପ୍ରୋତ୍ସାହନ ଅଭାବରୁ । ତାଙ୍କ ପରି ଅନେକ ସାହିତ୍ୟ ସାଧକ ବଣମଲ୍ଲୀ ପରି ବଣରେ ଫୁଟି ନିଜର ସୁଗନ୍ଧ ଚତୁଃପାର୍ଶ୍ୱରେ ପ୍ରସାରିତ କରିବା ପୂର୍ବରୁ ଝଡି ଯାଉଛନ୍ତି ।

"ବଣମଲ୍ଲୀ ସମ ଫୁଟି ମୁଁ ବଣରେ
ପଡିବିନି ଆଉ ଝରି ।
ପ୍ରେରଣା ଆଣୁଛି ସାହିତ୍ୟ ସମ୍ଭାର
ରଖିବ ହୃଦୟେ ଭରି ।।"

ଓଡିଆ ସାହିତ୍ୟର ସେହି ଲୁକ୍କାୟିତ ତଥା ଅପ୍ରଶଂସିତ ସ୍ରଷ୍ଟାମାନଙ୍କୁ ସୁଯୋଗ ଦେବା ଏବଂ ସେମାନଙ୍କର ଅପ୍ରକାଶିତ ରଚନା ଗୁଡିକୁ ଲୋକଲୋଚନକୁ ଆଣିବା ପାଇଁ ଏକ ମାଧ୍ୟମ ପ୍ରଦାନ କରିବାର ଏକ କ୍ଷୁଦ୍ର ପ୍ରଚେଷ୍ଟା "ପ୍ରେରଣା" । ଯେକୌଣସି ପ୍ରତିକୂଳ ପରିସ୍ଥିତିରେ ବି ନିର୍ଭୀକ ଭାବରେ ନିଜର କର୍ମ କରି ଚାଲିବା ପାଇଁ ବାପାଙ୍କ ଠାରୁ ଯେଉଁ ପ୍ରେରଣା ମିଳିଥିଲା, ସେହି ପ୍ରେରଣାକୁ ସାହିତ୍ୟପ୍ରେମୀ ବନ୍ଧୁମାନଙ୍କ ସହ ପ୍ରସାର କରି ଓଡିଆ ଭାଷା ସାହିତ୍ୟ ପ୍ରତି ନିଜର ସାମାନ୍ୟତମ ଅନୁଦାନ ଅର୍ପଣ କରିବା ପାଇଁ ହିଁ "ପ୍ରେରଣା"ର ସୃଷ୍ଟି ।

ପ୍ରିୟ ପାଠକ/ପାଠିକାଗଣ ଏହାକୁ ପାଠ କରି କିଞ୍ଚିତ୍ ଆନନ୍ଦ ଅନୁଭବ କଲେ ମୋର ଶ୍ରମ ସାର୍ଥକ ହେବା ଆଶାକରେ ।

**- ସମ୍ପାଦକ**

# କୃତଜ୍ଞତା ଜ୍ଞାପନ

ମୋର ପ୍ରିୟ ବନ୍ଧୁ ଶ୍ରୀ ବିଭୁଶ୍ରୀ ମିଶ୍ର, ଶ୍ରୀ ସନ୍ତୋଷ ସାଗର ମିଶ୍ର, ଶ୍ରୀ ସନାତନ ସାହୁ ଓ ଶ୍ରୀ ହୃଦୟାନନ୍ଦ ପଧାନ ପ୍ରମୁଖ ଯେଉଁ ମହୋଦୟ ମାନଙ୍କ ପ୍ରେରଣା ଓ ସାହାଯ୍ୟ ଆଜି ମୋତେ ମୋ ଗନ୍ତବ୍ୟ ପଥରେ ଆଗେଇ ନେଉଛି, ସେମାନଙ୍କ ନିକଟରେ ମୁଁ ଆନ୍ତରିକ କୃତଜ୍ଞତା ଜ୍ଞାପନ କରୁଅଛି ।

**। ଇତି ।**

**ସମ୍ପାଦକ**

# ପ୍ରେରଣା ଇ-ପତ୍ରିକା ପ୍ରକାଶନର ନିୟମାବଳୀ :

- ପ୍ରେରଣା ଇ-ପତ୍ରିକା ଏକ ମାସିକ ସଂସ୍କରଣ ହୋଇଥିବାରୁ ପ୍ରିୟ ଲେଖକ/ଲେଖିକା ମାନେ ପ୍ରତି ମାସରେ ପ୍ରକାଶଯୋଗ୍ୟ ନିଜସ୍ୱ ଲେଖା ପଠାଇ ପାରିବେ ।
- ପ୍ରକାଶନ ପାଇଁ ପ୍ରେରିତ ଲେଖା ଗୁଡିକର ନକଲକୁ ଲେଖକ/ଲେଖିକା ମାନେ ନିଜ ପାଖରେ ସରଂକ୍ଷିତ କରି ରଖିବା ପାଇଁ ଅନୁରୋଧ । କାରଣ ଅମନୋନିତ ଲେଖା ଗୁଡିକ ଫେରସ୍ତ ହେବାର ବ୍ୟବସ୍ଥା ନାହିଁ ।
- ବର୍ତ୍ତମାନ ପ୍ରେରଣା ଇ-ପତ୍ରିକା ମୁଖ୍ୟତଃ ପଦ୍ୟ ଏବଂ ଗଦ୍ୟ ଏହି ଦୁଇଟି ବିଭାଗକୁ ନେଇ ଗଠିତ ହୋଇଥିବାରୁ ପ୍ରତି ସଂସ୍କରଣ ପାଇଁ ପ୍ରିୟ ଲେଖକ/ଲେଖିକା ମାନେ ଅତିବେଶିରେ କେବଳ ଦୁଇଟି (ଗୋଟିଏ ପଦ୍ୟ ଏବଂ ଗୋଟିଏ ଗଦ୍ୟ ) ଲେଖା ପଠାଇ ପାରିବେ ।

- ପ୍ରିୟ ଲେଖକ/ଲେଖିକା ମାନେ ନିଜସ୍ୱ ଲେଖା ପଠାଇବା ପାଇଁ www.preranaodia.com ରେ ଉପଯୁକ୍ତ ତଥ୍ୟ ପ୍ରଦାନ କରିବା ସହ ନିଜସ୍ୱ ଲେଖାକୁ ଓଡିଆରେ ଟାଇପ୍ କରିବା ଆବଶ୍ୟକ ।
- ପ୍ରତି ସଂସ୍କରଣ ପାଇଁ କେବଳ ଏହି ପଞ୍ଜୀକରଣ ଦ୍ୱାରା ଲେଖା ଗ୍ରହଣଯୋଗ୍ୟ ଅଟେ । ସୁତରାଂ ପ୍ରତି ସଂସ୍କରଣ ପାଇଁ ଲେଖକ/ଲେଖିକା ମାନେ ଲେଖାକୁ www.preranaodia.com ମାଧ୍ୟମରେ ପଠାଇବାକୁ ପଡିବ ।
- ପ୍ରିୟ ଲେଖକ/ଲେଖିକା ମାନେ ପଞ୍ଜୀକରଣ ଫର୍ମରେ ପ୍ରଦତ୍ତ ସ୍ଥାନରେ ନିଜସ୍ୱ ଲେଖାକୁ ଓଡିଆରେ ଲେଖି ପାରିବେ । ପଞ୍ଜୀକରଣ ସମୟରେ କୌଣସି ତ୍ରୁଟି ପରିଲକ୍ଷିତ ହେଲେ ଆମ ସହ ଯୋଗାଯୋଗ କରିବାକୁ ଅନୁରୋଧ ।
- ଇ-ମେଲ କିମ୍ବା ହ୍ୱାଟସ୍ଆପ୍ ଦ୍ୱାରା ପ୍ରେରିତ ଲେଖା ଗ୍ରହଣୀୟ ନୁହେଁ । ତେଣୁ ସହୃଦୟ ଲେଖକ/ଲେଖିକା ମାନେ ଲେଖା ପଠାଇବା ପାଇଁ ଏହାର ବ୍ୟବହାର ନ କରିବା ପାଇଁ ବିଶେଷ ଅନୁରୋଧ ।

- ପ୍ରିୟ ଲେଖକ/ଲେଖିକା ମାନଙ୍କୁ ବିଶେଷ ଅନୁରୋଧ – ଏକ ସମୟରେ ଅନ୍ୟ କୌଣସି ପତ୍ରିକାକୁ ପ୍ରକାଶ କରିବା ପାଇଁ ପଠାଇଥିବା ଲେଖା "ପ୍ରେରଣା"କୁ ପଠାନ୍ତୁ ନାହିଁ କିମ୍ବା "ପ୍ରେରଣା"କୁ ପଠାଇଥିବା ଲେଖା ଅନ୍ୟ କୌଣସି ପତ୍ରିକାକୁ ପଠାନ୍ତୁ ନାହିଁ ।
- ଲେଖା ଚୟନ କେବଳ ସମ୍ପାଦନା ମଣ୍ଡଳୀ ଦ୍ୱାରା ସ୍ଥିରୀକୃତ ହୋଇଥାଏ । ଲେଖକ/ଲେଖିକା ମାନେ ଏହା ଉପରେ କୌଣସି ଅଭିଯୋଗ ରଖିପାରିବେ ନାହିଁ । ଲେଖାଗୁଡିକ କୌଣସି ଧର୍ମ ବହିଃର୍ଭୂତ ତଥା ବିରୋଧୀ ତତ୍ତ୍ୱ ଉପରେ ଆଧାରିତ ନ ହେବା ଆବଶ୍ୟକ ।
- ପ୍ରେରଣା ଇ-ପତ୍ରିକାରେ ପ୍ରକାଶିତ ଲେଖା ତଥା ଏହାର ୱେବସାଇଟରେ ପ୍ରଦତ୍ତ ତଥ୍ୟ ସମ୍ପାଦକଙ୍କ ଅନୁମତି ବିନା କୌଣସି ପତ୍ର-ପତ୍ରିକାରେ ପ୍ରକାଶିତ ହେବା ଅପରାଧ ବୋଲି ବିବେଚନା କରାଯିବ । ସୁତରାଂ ଏଥି ନିମନ୍ତେ ସମ୍ପାଦକଙ୍କ ଠାରୁ ଲିଖିତ ଅନୁମତି ଆବଶ୍ୟକ ।

- ଏହି ପତ୍ରିକାରେ ପ୍ରକାଶିତ ସମସ୍ତ ଲେଖା ଉଭୟ ପ୍ରକାଶକ ଏବଂ ଲେଖକ/ଲେଖିକା ମାନଙ୍କ ପାଖରେ ସର୍ବଦା ସରଂକ୍ଷିତ । ତେଣୁ ନିଜସ୍ଵ ଲେଖାକୁ ସୋସିଆଲ ମିଡିଆ/ନେଟୱର୍କରେ ପ୍ରଚାର ଏବଂ ପ୍ରସାର ନିମନ୍ତେ ସେୟାର୍ କରିବାର ସମ୍ପୂର୍ଣ୍ଣ ଅଧିକାର ପ୍ରିୟ ଲେଖକ/ଲେଖିକା ମାନଙ୍କର ଅଛି ।

ପ୍ରେରଣା ଇ-ପତ୍ରିକାରେ ପ୍ରକାଶିତ ସମସ୍ତ ଲେଖା ଲେଖକ/ଲେଖିକା ମାନଙ୍କର ନିଜସ୍ୱ ସୃଷ୍ଟି ହୋଇଥିବାରୁ ଯେକୌଣସି ବାଦାନୁବାଦ ପାଇଁ କେବଳ ଲେଖକ/ଲେଖିକା ମାନେ ଉତ୍ତରଦାୟୀ ରହିବେ । ଏଥିରେ ପ୍ରକାଶକ, ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ରହିବ ନାହିଁ ।

# ସମ୍ପାଦକୀୟ...



କଳ୍ପନା ଚାୱଲା, ସେ ହେଉଛନ୍ତି ଭାରତରେ ଜନ୍ମିତ ପ୍ରଥମ ମହିଳା ମହାକାଶଚାରୀ । ୨୦୦୩ ମସିହା ଫେବୃୟାରୀ ୧ ତାରିଖ, ସେଦିନ ହୁଏତ ଆଉ କିଛି ମିନିଟ୍ ପରେ ତାଙ୍କ ନାମରେ ନୂତନ ଇତିହାସ ରଚନା ହୋଇଥାନ୍ତା କିନ୍ତୁ ଭାଗ୍ୟର ବିଡମ୍ବନା ଥିଲା ଅଲଗା, ମହାକାଶଯାନ "କଲମ୍ବିଆ" ପୃଥିବୀ ପୃଷ୍ଠର ବାୟୁମଣ୍ଡଳକୁ ପ୍ରବେଶ କରିବା ମାତ୍ରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା । ଏଥିରେ କଳ୍ପନା ଚାୱଲାଙ୍କ ସମେତ ଅନ୍ୟ ଛଅଜଣ ମହାକାଶଚାରୀ ସବୁଦିନ ପାଇଁ ମହାକାଶରେ ଲୀନ ହୋଇଗଲେ । ଯାହାକି ସମଗ୍ର ବିଶ୍ୱକୁ ସ୍ତବ୍ଧ କରିଦେଇଥିଲା ।




ମହାକାଶଯାନ "କଲମ୍ବିଆ"ର ଏହାଥିଲା ୨୮ତମ ମହାକାଶ ଯାତ୍ରା ଏହା ପୂର୍ବରୁ ତାହା ୨୭ ଥର ସଫଳ ଯାତ୍ରା କରିସାରିଥିଲା । ଏସ୍.ଟି.ଏସ୍.-୧୦୭ ମିଶନ୍ ପାଇଁ ବ୍ୟବହୃତ ଏହି ମହାକାଶଯାନରେ ବାରମ୍ବାର ଯାନ୍ତ୍ରିକ ତ୍ରୁଟି ବାହାରିବାରୁ ଏହି ମହାକାଶଯାତ୍ରାରେ ବାରମ୍ବାର ବିଳମ୍ବ ହୋଇଥିଲା । ୨୦୦୨ ମସିହା ଜୁଲାଇ ମାସରେ ଉକ୍ତ ମହାକାଶଯାନଟିର ଇଞ୍ଜିନ୍‌ରେ ଏକ ଫାଟ ମଧ୍ୟ ଆବିଷ୍କାର କରାଯାଇଥିଲା । ପରିଶେଷରେ ୨୦୦୩ ମସିହା ଜାନୁୟାରୀ ମାସ ୧୬ ତାରିଖରେ କଳ୍ପନା ଚାୱଲାଙ୍କ ସମେତ ଅନ୍ୟ ଛଅଜଣ ମହାକାଶଚାରୀ କଲମ୍ବିଆ ମହାକାଶଯାନରେ ଏସ୍.ଟି.ଏସ୍-୧୦୭ ମିଶନ୍ ପାଇଁ ମହାକାଶକୁ ଯାତ୍ରା କରିଥିଲେ । ୨୦୦୩ ମସିହା ଫେବୃୟାରୀ ମାସ ୧ ତାରିଖ ଦିନ ମହାକାଶଯାନଟି କେପ୍ କାନାଭେରାଲ୍ ଠାରେ ଅବତରିତ ହେବାର ଥିଲା ।

କିନ୍ତୁ ହଠାତ୍ ପୃଥିବୀ ପୃଷ୍ଠରେ ଅବତରଣ କରିବାର ମାତ୍ର ୧୬ ମିନିଟ୍ ପୂର୍ବରୁ ଟେକ୍ସାସ୍ ବିଶ୍ୱବିଦ୍ୟାଳୟର ଉପରିଭାଗରେ ପୃଥିବୀର ବାୟୁମଣ୍ଡଳକୁ ପ୍ରତ୍ୟାବର୍ତ୍ତନ କରୁଥିବା ସମୟରେ କଲମ୍ବିଆ ଯାନ ଖଣ୍ଡ ଖଣ୍ଡ ହୋଇ ଭାଙ୍ଗିଯିବା ସହ ଏହି ଦୁର୍ଘଟଣା ଘଟିଥିଲା ।

କଳ୍ପନା ଚାଓଲା ୧୯୬୨ ମହିହା ମାର୍ଚ୍ଚ ମାସ ୧୭ ତାରିଖରେ ହରିୟାଣାର କର୍ଣ୍ଣଲ ସହରରେ ଜନ୍ମ ଗ୍ରହଣ କରିଥିଲେ । ସେ ନିଜର ଉଚ୍ଚ ମାଧ୍ୟମିକ ପାଠ ପଢ଼ା ଶେଷ କରି ଚଣ୍ଡିଗଡ଼ଠାରେ ଥିବା ପଞ୍ଜାବ ଇଞ୍ଜିନିୟରିଂ କଲେଜରୁ ଏରୋନଟିକାଲ୍ ଇଞ୍ଜିନିୟରିଂ ବିଭାଗରେ ନାମ ଲେଖାଇଥିଲେ । ଏହାପରେ ଟେକ୍ସାସ୍ ବିଶ୍ୱବିଦ୍ୟାଳୟରୁ କଳ୍ପନା ନିଜର ସ୍ନାତକୋତ୍ତର ଡିଗ୍ରୀ ବା ଏମ୍.ଏସ୍. ଡିଗ୍ରୀ ସମ୍ପୂର୍ଣ୍ଣ କରିଥିଲେ । ପରବର୍ତ୍ତୀ ସମୟରେ ୧୯୮୮ ମସିହାରେ କଳ୍ପନା ନାସାରେ ଯୋଗଦେଇ ୧୯୯୭ ମସିହା ନଭେମ୍ବର ୧୯ ତାରିଖରେ ସେ ପ୍ରଥମ ଥର ପାଇଁ ମହାକାଶକୁ ଯାତ୍ରା କରିଥିଲେ ।

ଆଜି କଳ୍ପନା ଚାୱଲା ନାହାନ୍ତି କିନ୍ତୁ ସେ ଯେଉଁ କୀର୍ତ୍ତି ଓ ଇତିହାସ ରଚନା କରିଯାଇଛନ୍ତି ତାହା ଆଗାମୀ ଯୁବପିଢିକୁ ସଦା ସର୍ବଦା ପ୍ରେରଣା ଯୋଗାଉଥିବ ଏଥିରେ ସନ୍ଦେହର ଅବକାଶ ନାହିଁ ।

*****

**- ଦେବୀ ପ୍ରସାଦ ସ୍ୱାଇଁ**

# ସୂଚୀପତ୍ର


| କ୍ର.ସଂ | ବିଷୟ | ଲେଖକ/ଲେଖିକା | ପୃଷ୍ଠା |
|---|---|---|---|
| | **ଅନ୍ତରଙ୍ଗ ଆଳାପ** | | ୧୮ |
| | **ପଦ୍ୟ ବିଭାଗ** | | |
| ୧. | ପୃଥିବୀ ପ୍ରତି | ଲଳିତକବି ଧ୍ରୁବ ଚରଣ ସ୍ୱାଇଁ | ୨୩ |
| ୨. | ଦେଲୁ ଆମ ଆଖି ଖୋଲି | ହରେରାମ ପଣ୍ଡା | ୨୪ |
| ୩. | ଚିତ୍ତ ଚୋରଣୀ ଚନ୍ଦ୍ରଭାଗା | ଶିବ ଚରଣ ମହାପାତ୍ର | ୨୮ |
| ୪. | ଜାଣିଥା ଭଲେ | ଅନାମ ଚରଣ ସାହୁ | ୩୨ |
| ୫. | ବେଫିକର | ମୋନାଲିସା ବେହେରା | ୩୪ |
| ୬. | ଧିକ ଯୁବାଧନ | ସସ୍ମିତ ସତ୍ୟପ୍ରକାଶ ମିଶ୍ର | ୩୭ |
| ୭. | ମୋ ମନର ପୁନଃଜନ୍ମ | ନିରୁପମା ନାୟକ | ୩୯ |
| ୮. | ଏଇ ଏକ ଦଶନ୍ଧି | ତପସ୍ୱିନୀ ଦାଶ ଷଡଙ୍ଗୀ | ୪୧ |

| କ୍ର.ସଂ | ବିଷୟ | ଲେଖକ/ଲେଖିକା | ପୃଷ୍ଠା |
|---|---|---|---|
| ୯. | ପ୍ରୀୟଂକା ତୁମେ ଭୁଲ୍ ଥିଲ | ବି.ଏମ୍. ମିତ୍ରଭାନୁ | ୪୩ |
| ୧୦. | ନୂଆ କଥା | ବିଦ୍ୟାଧର ପଣ୍ଡା | ୪୫ |
| ୧୧. | ଶ୍ୟାମଳୀ ଝିଅର ସ୍ମୃତି | ଅପରାଜିତା ବେସନ | ୪୭ |
| ୧୨. | ଜାନୁଆରୀ ଓ ଡିସେମ୍ବର | ଅମ୍ରିତେଶ ଖଟୁଆ | ୪୯ |
| ୧୩. | ପୁଅ ଝିଅ ସବୁ ସମାନ | ନୂତନ କୁମାର ବେହେରା | ୫୨ |
| ୧୪. | କର୍ମ | ପ୍ରୀତିରଞ୍ଜନ ନାୟକ | ୫୬ |
| ୧୫. | ଅବିଶ୍ୱସ୍ତ ବାଳା | ହୃଦୟାନନ୍ଦ ପଧାନ | ୫୯ |
| | **ଗଦ୍ୟ ବିଭାଗ** | | |
| ୧୬. | ବ୍ଲାକଆଉଟ ଡେ | ରୋଜା ପଣ୍ଡା | ୬୬ |
| ୧୭. | ଅନାବନା ଭାବନାରୁ ଖିଏ: ଚିଠି ଟିଏ | ବନାଲୀ ଦାଶ | ୭୧ |
| ୧୮. | ସ୍କୁଟି | ସତ୍ୟ ରଞ୍ଜନ ମିଶ୍ର | ୭୬ |


*****

# ଅନ୍ତରଙ୍ଗ ଆଳାପ

## ସଂକ୍ଷେପରେ କବି...

**ନାମ :** ଅଲେଖ ଚନ୍ଦ୍ର ବେହେରା

**ଜନ୍ମ ତାରିଖ :** ୧୭ ମେ

**ବର୍ତ୍ତମାନ ଠିକଣା :** ସା :- ଅଙ୍ଗାରବନ୍ଧ, ପୋ :- ଖଣ୍ଡହତା, ଜିଲ୍ଲା :- ଅନୁଗୋଳ

**ଶିକ୍ଷା :** ବି.ଏ, ଏଲ୍.ଏଲ୍.ବି



**୧. ପ୍ରିୟ ପୁସ୍ତକ :** ଛ ମାଣ ଆଠଗୁଣ୍ଠ, ତପସ୍ୱିନୀ, ଚିଲିକା, ବୈଦେହିଶ ବିଳାସ, ସ୍ତୁତି ଚିନ୍ତାମଣି, ବନ୍ଦୀର ଆତ୍ମକଥା, ରସକଲ୍ଲୋଳ ଇତ୍ୟାଦି ।

**୨. ପ୍ରିୟ ଲେଖକ/ଲେଖିକା :** ଉପେନ୍ଦ୍ର ଭଞ୍ଜ, ଗଙ୍ଗାଧର ମେହେର, ମଧୁସୂଦନ ରାଓ, ଗୋପବନ୍ଧୁ ଦାସ, ମଧୁସୂଦନ ଦାସ, କୁନ୍ତଳା କୁମାରୀ ସାବତ, ଦୀନକୃଷ୍ଣ ଦାସ, ସାଲବେଗ ଇତ୍ୟାଦି କିନ୍ତୁ ମୁଁ ପ୍ରାୟ ସମସ୍ତଙ୍କ

ଲେଖାକୁ ପଢେ ଆଧୁନିକ ସ୍ରଷ୍ଟାମାନଙ୍କୁ ମଧ୍ୟ ପଢେ, ତଥାପି ମୁଁ ଭୀମ ଭୋଇଙ୍କର ଜଣେ ବଡ ପ୍ରଶଂସକ ।

**୩. ରଚିତ ପୁସ୍ତକ :** ଅସରା ବାଟ (କବିତା ସଂକଳନ) (୨୦୧୮), ମହିମା ଧର୍ମ ଇତିହାସ ଓ ଅଙ୍ଗାରବନ୍ଧ ମହିମା ପୀଠ (୨୦୨୦) ।

**୪. ପୁରସ୍କାର/ସମ୍ମାନ :** ସୁଯୋଗ ମିଳିନି ।

**୫. ଆପଣଙ୍କ ପ୍ରେରଣାର ଉତ୍ସ :** ବର୍ତ୍ତମାନ ପର୍ଯ୍ୟନ୍ତ ମତେ ଜୀବନ ଦେଇଥିବା କିଛି ଅବଶୋଷ ଆଉ ଅସହାୟ ପରିସ୍ଥିତି, ମତେ ପ୍ରେରଣା ଯୋଗାଇଥାଏ କିଛି କିଛି ଲେଖିବା ପାଇଁ ।

**୬. ଆପଣଙ୍କ ସାହିତ୍ୟ ଜଗତରେ ପ୍ରବେଶ ଓ ସାହିତ୍ୟ ସର୍ଜନା ବିଷୟରେ ସମ୍ୟକ ବିବରଣୀ :** ମୁଁ ସପ୍ତମ ଶ୍ରେଣୀରେ ପାଠ ପଢିବା ବେଳେ କେବଳ ଚଗଲାମି କରିବା ପାଇଁ ଲେଖୁଥିଲି ଏବଂ ମୋ ସାଙ୍ଗମାନଙ୍କୁ କଟାକ୍ଷ କରିବା ଉଦ୍ଦେଶ୍ୟରେ ସେସବୁ ଲେଖୁଥିଲି, ସେ ସବୁ ଲେଖା ତ ନାହିଁ କି ମନେ ମଧ୍ୟ ନାହିଁ । କିନ୍ତୁ ଦଶମ ଶ୍ରେଣୀ ପରୀକ୍ଷା ଶେଷ ହେବା ପରେ ମୁଁ ମୋର ସାଙ୍ଗମାନଙ୍କ ଅନୁପସ୍ଥିତି ଏବଂ ସ୍କୁଲର ସେ ଆନନ୍ଦ ମୁହୂର୍ତ୍ତକୁ ମନେ ପକେଇ କିଛି କିଛି ଲେଖିବା ଆରମ୍ଭ କରିଥିଲି । ଯାହା ଯୁକ୍ତ ଦୁଇ

ପର୍ଯ୍ୟନ୍ତ ଚାଲିଲା , କିନ୍ତୁ ଯୁକ୍ତ ତିନି ବେଳକୁ କବିତା ଏକ ନିଶା ହୋଇଗଲା, ଅନୁଭବ ହେଲା ଯେମିତି ମୋ ଜୀବନର ଏକ ଅଭିନ୍ନ ଅଙ୍ଗ ବୋଲି, ସେଇଦିନ ଠାରୁ ଆଜି ପର୍ଯ୍ୟନ୍ତ ତାହା ସେମିତି ନିଶା ହୋଇ ରହିଛି ।

**୭. ଆପଣଙ୍କ ମତରେ ବର୍ତ୍ତମାନ ସମାଜରେ ସାହିତ୍ୟର ସ୍ଥିତି :**
ସାହିତ୍ୟ ସବୁବେଳେ ସତ୍ୟ, ଶିବ, ସୁନ୍ଦର କିନ୍ତୁ କିଛି ଲେଖକ ଏବଂ ପାଠକ ବର୍ତ୍ତମାନ ସାହିତ୍ୟକୁ କେବଳ ମନୋରଞ୍ଜନ ଭିତ୍ତିକ ବୋଲି ଗ୍ରହଣ କରି ନେଇଛନ୍ତି । ଯେଉଁଥରେ ଅଶିଳତା ସ୍ପଷ୍ଟ ବାରିହୋଇପଡୁଛି । ଏବେ ମଧ୍ୟ ଅନେକ ସ୍ରଷ୍ଟା ଅଛନ୍ତି ଯେଉଁମାନେ ପ୍ରକୃତି, ସମାଜ ଏବଂ ଅନେକ ପ୍ରେରଣାଦାୟୀ ଏବଂ ଶିକ୍ଷଣୀୟ ରଚନା କରୁଛନ୍ତି କିନ୍ତୁ ସେମାନଙ୍କୁ ସେତେ ଗ୍ରହଣ କରାଯାଉନି ଯେତେ ଏ ସବୁକୁ ଗ୍ରହଣ କରାଯାଉଛି । ବର୍ତ୍ତମାନର ସାହିତ୍ୟପ୍ରେମୀ ଏବଂ ସ୍ରଷ୍ଟା କେବଳ ପ୍ରେମ ବିରହ ରସକୁ ହିଁ ଅଧିକ ପସନ୍ଦ କରନ୍ତି ବୋଲି ଅନୁଭବ ହୁଏ । ଯେଉଁଥି ପାଇଁ ବର୍ତ୍ତମାନର ସାହିତ୍ୟର ଅନ୍ୟ ରସ ଗୁଡିକ ପୂର୍ଣ୍ଣତା ପାଇ ପାରୁନି ବୋଲି ମୁଁ ଅନୁଭବ କରେ ।

**୮. ପ୍ରେରଣା ଇ-ପତ୍ରିକା ବିଷୟରେ କ'ଣ କହିବେ :** ପ୍ରେରଣା ଇ-ପତ୍ରିକା କ୍ଲାନ୍ତ ବୋଟୋଇ ପାଇଁ ବୃକ୍ଷ ଛାୟା ବୋଲି ଅନୁଭବ ହୁଏ । ଅନେକ ନବାଗତା ଲେଖକ ଲେଖିକାମାନଙ୍କୁ ଏହା ଏକ ନୂତନ ଦିଗ୍-ଦର୍ଶନ ଦେଇଛି । ଆଗକୁ ବଢିବା ପାଇଁ ସାହାରା ସାଜିଛି । ନିଜର ଅନ୍ତର ମନର କଥାକୁ ପରିପ୍ରକାଶ କରିବା ପାଇଁ ପ୍ରେରଣା ଇ-ମାଗାଜିନ୍ ଲେଖକ/ଲେଖିକାମାନଙ୍କୁ ଯେଉଁ ମଇଦାନ୍ ଭେଟି ଦେଇଛି ତାହା ସ୍ୱାଗତ ଯୋଗ୍ୟ ଏବଂ ଅନେକ ପ୍ରଶଂସାଯୋଗ୍ୟ । ପାଠକ/ପାଠିକା ମାନଙ୍କ ପାଇଁ ଏହା ଯୁଗୋପଯୋଗୀ ମାଧ୍ୟମ ଯାହା ଖୁବ୍ ଶୀଘ୍ର ଏବଂ ସହଜରେ ଜଣେ ପାଇ ପାରୁଛି । ଓଡିଆ ଭାଷା ପାଇଁ ପ୍ରେରଣା ଇ-ମାଗାଜିନର ଏଇ ପ୍ରୟାସ ଭାଷା ପ୍ରେମୀଙ୍କ ପାଇଁ ଏକ ଔଷଧି ପରି ମନେ ହୁଏ ।

*****

# ପଦ୍ୟ ବିଭାଗ

" ଅମୂଲ୍ୟ ରତନ ତୁମେ ଭବେ ମୂଲ୍ୟହୀନା
ଗ୍ରହଣ ନ ହୁଅ କେବେ ଯଉତୁକ ବିନା ।
କୁଟଜ ପରାୟେ ଫୁଟି ବିଜନ କାନନେ
ଝରି ପଡୁଅଛ ବୃଥା ଅକାଳ-ମରଣେ ।।"

**- ଲଳିତକବି ଧ୍ରୁବ ଚରଣ ସ୍ୱାଇଁ**

# ପୃଥ୍ୱୀ ପ୍ରତି

ଲଳିତକବି ଧ୍ରୁବ ଚରଣ ସ୍ୱାଇଁ

ରତ୍ନମୟ ଚନ୍ଦ୍ରାତପ ପରାୟେ ତୋ ଶିରେ
ଶୋହେ ତାରକିତ ନଭଃ ତମିସ୍ରା ନିଶିରେ ।
ଦିବାରାତ୍ରି ଶୁଭ୍ରାଲୋକ ଢାଳଇ ଆକାଶ
ଧୁଅନ୍ତି ଜଳଦମାଳା ନୀଳ ଅଙ୍ଗବାସ ॥

ପୟୋନିଧି ପ୍ରକ୍ଷାଳଇ ତୋ ଚାରୁ ଚରଣ
ମୃଦୁ ସମୀରଣ ସଦା ଚଳାଏ ବ୍ୟଜନ ।
ନାନା ଫୁଲଫଳ କରେ ଘେନି ଉପହାର
ପୂଜନ୍ତି ପ୍ରକୃତି ଦେବୀ ଚରଣ ଯାହାର ॥

*****

ଜହ୍ନିତଇଳା, ଢେଙ୍କାନାଳ

# ଦେଲୁ ଆମ ଆଖି ଖୋଲି

ହରେରାମ ପଣ୍ଡା

ବୁଢ଼ୀ ମା କହୁଛି ନାତିକି ଶୁଣାଇ

ଥିଲା ଏମିତି ସେ ଗପ,

ଏକା ଘରେ ଥିଲେ ନାତି ପୁଅବୋହୁ

ପାଶେ ଥିଲେ ବୁଢ଼ା ବାପ ।

ପୁଅ ବୋହୁ ନାତି ଶୁଅନ୍ତି ପଲଙ୍କେ

ଗ୍ରୀଷମରେ ଖୋଲି ଏ.ସି,

ବୁଢ଼ା ପାଇଁ ନାହିଁ ଖଟ କି ମଶାରୀ

ମଶା ମାରେ ବୁଢ଼ା ବସି ।

ଶୀତଦିନେ ଖଞ୍ଜା କମ୍ବଳ ରେଜେଇ

ଘରେ ସମସ୍ତଙ୍କ ପାଇଁ,

ଛିଣ୍ଡା ସପ ଆଉ ଫଟା କମ୍ବଳଟେ

କେବଳ ବୁଢ଼ାଟି ପାଇଁ ।

ସମସ୍ତେ ଖାଆନ୍ତି ଟେବୁଲ୍ ଉପରେ

ଚାମଚା ହାତରେ ଧରି,

ବୁଢ଼ାବାପ ପାଇଁ ହୋଇଛି ସାଇତା

ଖଣ୍ଡିଏ ଭଙ୍ଗା ପଥୁରି ।

ନାତି ଦେଖିଦେଖି ଜେଜେଙ୍କ ହିନସ୍ତା

ବିଚାରିଲା ମନେ ମନେ,

ଜେଜେଙ୍କ ଅବସ୍ଥା ପ୍ରତିକାର ମୁହିଁ

ନିଶ୍ଚୟ କରିବି ଦିନେ ।

ଲୁଚାଇଲା ଛିଣ୍ଡା ସପ କମ୍ବଳକୁ

ଖାଇବା ଭଙ୍ଗା ପଥୁରି

ମାଆ ନପାଇକି ବୁଢ଼ାର ଜିନିଷ

ପୁଅକୁ ଦେଲା ପଚାରି ।

ହସିହସି ପୁଅ ମାଆଙ୍କୁ କହିଲା
ସେ ସବୁ ରଖିଛି ମୁହିଁ,
ବାପା ଆଉ ତୁମେ ବୁଢ଼ାବୁଢ଼ୀ ହେଲେ
ତୁମକୁ ତ ଦେବି ମୁହିଁ ।
ପୁଅ କଥାଶୁଣି ବାପମାଆ ଦୁହେଁ
ଭାବୁଛନ୍ତି ମନେମନେ,
ବୟସ ବଢ଼ିଲେ ଆମେମାନେ ପୁଣି
ବୁଢ଼ାବୁଢ଼ୀ ହେବା ଦିନେ ।
ଅନୁତାପ ଲୁହ ଝରାଇ ଆଖିରୁ
କହନ୍ତି ପୁଅକୁ ଧରି,
ବୁଢ଼ାବୁଢ଼ୀ କେବେ ଅଲୋଡ଼ା ନୁହଁନ୍ତି
ଦେଲୁ ଆମ ଆଖି ଖୋଲି ।
ଯେଉଁମାନେ ଆମ ସୁଖ ପାଇଁ ନିଜ
ସୁଖ ଯାଇଥିଲେ ଭୁଲି,

ଶେଷ ଜୀବନରେ ତାଙ୍କୁ ସାହାହେବା
କର୍ତ୍ତବ୍ୟ ହେବ ଆମରି ।

*****

ଯାଜପୁର

www.store.preranaodia.com
Prerana e-Store
The ultimate bookshop
"ସପ୍ତଶଯ୍ୟା" ଏବେ ପ୍ରେରଣା ଇ-ଷ୍ଟୋରରେ ଉପଲବ୍ଧ ।
ନିମ୍ନୋକ୍ତ କୁପନ୍ କୋଡ୍ ବ୍ୟବହାର କରି ୧୦% ରିହାତି ପାଆନ୍ତୁ ।


10% OFF COUPON CODE - PRERANA01
DHRUBATARA PUBLICATIONS
BOOK TITLE- SAPTASAJYA
ISBN- 978-81-942801-0-1
PRICE Rs - 80/-
* TERMS AND CONDITIONS MAY APPLY

# ଚିତ୍ତ ଚୋରଣୀ ଚନ୍ଦ୍ରଭାଗା

ଶିବ ଚରଣ ମହାପାତ୍ର

ଲାସ୍ୟମୟୀ ହାସ୍ୟ ବଦନୀ
ବେଦନା ବିକ୍ଷିପ୍ତ ବିକଳ୍ପ ପ୍ରାୟେ
ଲୀଳା କମଳ ନନ୍ଦୀନି ଅବା
ରଙ୍ଗ ମହଲ ନର୍ତ୍ତକୀଟିଏ..!!

ଶୂନ୍ୟ ଚିନ୍ତନ କି ଉପମା ଦେବ
ଅପୂର୍ବ ସୌରଭ ପ୍ରକୃତି ତୁମେ
ସୌନ୍ଦର୍ଯ୍ୟ ଭଣ୍ଡାର ତୁମ ମୁଖ ଦେଶ
ପ୍ରାରମ୍ଭ ପଲକ ଏ ଧରା ଧାମେ..!!

ବିଛେଇ ଦେଇଛ ସବୁ ଓଠ ହସ
ମହୁଲି ପରଶ ସେ ବିକିରଣେ

ଆଦ୍ୟ ଯେସନ ଅନ୍ତହୀନ ପାଇଁ
ତୋ ସୃଷ୍ଟି ନିଃସ୍ୱାର୍ଥ ବିନା କାରଣେ..!!

ପହିଲି ପୁଲକ ଫଗୁଣର ତୁମେ
କୃଷ୍ଣଚୂଡାର ଲୋହିତ ରଙ୍ଗ
ଧୂଆଁଳିଆ ବେଳ ମଧୁମିଳନରେ
ଦିଗ୍‌ବଳୟ ରଚେ ଅତୁଟ ସଙ୍ଗ..!!

ଆକାଶ ପୃଥିବୀ ମିଳନର ସାକ୍ଷୀ
ତୁମେ ଅପରୂପ ବିଶ୍ୱ ସୁନ୍ଦରୀ
ପ୍ରେମ ପ୍ରତିତିର ପୂଜାରିଣୀ ବୋଲି
ପାଦ ଛୁଏଁ ସ୍ନେହେ ନୀଳ ଲହରୀ..!!

ନିରବତା ପ୍ରାଣେ ଗୁଞ୍ଜରିତ କର
ମଧୁର ମୂର୍ଚ୍ଛନା ମନ୍ତ୍ର ଉଚାରି
ଅତୁଳନୀୟ ତୋ କମନୀୟ କାନ୍ତି
ଟାଣି ଧରି ରଖେ ଚିତ୍ତ ସବୁରି..!!

ଅତୀତର କୀର୍ତ୍ତି ଅପାସୋରା ସ୍ମୃତି
ତୋ ଛାତି ପଲଙ୍କେ ହୋଇଛି ସଜା
ମୁଖଶାଳା ତୁମେ ଓଡିଆ ସଂସ୍କୃତି
ତରଙ୍ଗାୟିତ ତୁମ ବିଜୟ ଧ୍ଵଜା..!!

କେତେ ମିଠା ଲୁହ ହସରେ ବି କୋହ
ତୋ କୋଳେ ଖେଳନ୍ତି ବାଲିର ଖେଳ
ବିରହ ବେଦନା ଧରମା ବୀରର
ପୋଛିଦିଏ ନିତି ଦରିଆ କୋଳ..!!

ବାରଶ ବଢେଇ ନିହାଣ ଶବଦ
ଗୁଞ୍ଜରିତ ହୁଏ ପ୍ରତି ସଞ୍ଜରେ
ଝାଉଁ ବଣ ଗୁନ୍ଥେ କରୁଣ ରାଗିଣୀ
ବିଶୁ ମହାରଣା ଛାତି ଭିତରେ..!!

ରହିଛି ରହିବ ଅକ୍ଷୟ ତୋ କୀର୍ତ୍ତି
ଅମଳିନ ସଦା ବିଭବ ତୋ'ର

ବିଶ୍ୱ ବନ୍ଦନୀୟ ଐତିହ୍ୟ ଗାଥା

ଅପୂର୍ବ ଐଶ୍ୱର୍ଯ୍ୟ ଚିର ଅମର..!!

*****

ଚକ୍ରଧରପୁର, କେନ୍ଦୁଝର

# ଜାଣିଥା ଭଲେ

ଅନାମ ଚରଣ ସାହୁ

ଉଡାଜାହାଜ ଆକାଶେ ଉଡି
ଦୂରସ୍ଥାନକୁ ଯାଏ ସେ ଚଳି
ସାଥିରେ ଯାତ୍ରୀ ଧରି
ବ୍ୟୋମପଥରୁ ଧରଣୀ ଶୋଭା
ଆନନ୍ଦ ଥାଏ ଭରି ।
ଛୁକ୍ ଛୁକ୍ ଚାଲେ ରେଳଗାଡି
ଯାତ୍ରୀ, ଜିନିଷ ସାଥିରେ ଧରି
ରେଳପଥ ତା ସାହା
ନଦୀ ପଥରେ ଜଳ ସ୍ରୋତରେ
ନଉକା କରେ ତାହା ।

ପାଣିଜାହାଜ ଷ୍ଟିମର, ଲଞ୍ଚ

ସମୁଦ୍ର ପଥେ ଯା'ର ପହଞ୍ଚ

ସାଗର ବକ୍ଷ ଚିରି

ବତୀଘରର ଆଲୋକ ଶିଖା

ପଥ କଷ୍ଟକୁ ହରି ।

ମୋଟର ଗାଡି ଧାଡିକି ଧାଡି

ସଡକ ପଥେ ଯାଆନ୍ତି ମାଡି

ସଂକେତ ଯେତେ ମାନି

ଧୀର ଚାଳନା ଜୀବନ ରକ୍ଷା

କହନ୍ତି ଗୁଣୀ ଜ୍ଞାନୀ ।

ଶୁଣରେ ପିଲେ ଜାଣିଥା ଭଲେ

ଶୂନଗାଡିଟି ଯାଏ ଗଡିରେ

ପେଡାଲ ଦେଲେ ମାରି

ପରିବେଶର ସିଏ ନିଜର

ଆନନ୍ଦ ଦିଏ ଭାରି ।

*****

ବିଭୁତିପୁର, କାକଟପୁର, ପୁରୀ

# ବେଫିକର

ମୋନାଲିସା ବେହେରା

ବନ୍ଧ ପାଣି ଯୁଆଡ଼େ ଯାଉଛି ଯାଉ,

ସମସ୍ତେ କିନ୍ତୁ ବେଫିକର ଏଠି

ସେଇ ଫୁଟ୍ ପାଥର ଭୋକିଲା ପେଟ କେଇଟା

କିନ୍ତୁ ଖୁବ୍ ସଂଘର୍ଷ ରତ ମନେହୁଅନ୍ତି

କେବେ ତ ନିର୍ଜୀବ ପରି ଲାଗନ୍ତି ।

ଅନ୍ଧଗଳି ସବୁ ଏବେବି ଅନ୍ଧାର ଯେମିତି,

ନିଜକୁ ଚଳାଇବା ଭିତରେ

ପାଦତଳେ ବଳି ପଡୁଥିବା ସେଇ କୀଟ ମାନଙ୍କୁ

କିଏ ଅବା ପଚାରୁଛି ତା' ଦେହର ଯନ୍ତ୍ରଣାକୁ

ତା'ର ସ୍ୱପ୍ନ ଆଉ ସଂସାରକୁ ।

କିଏ ଅବା ହିସାବ ରଖିଛି ,
ଦୁନିଆଁ ହାଟର କିଣାବିକା ମଧ୍ୟରେ
ହଜାଇ ଦେଇଥିବା ସ୍ୱପ୍ନ ମାନଙ୍କୁ
ସେ ଫୁଲ ମାଉସୀ ତ ଏବେବି ବଞ୍ଚିଛି
ଯିଏ ତା ପୁଅକୁ ହରାଇ ମରିଯିବ ବୋଲି କହୁଥିଲା ।

ମୁଁ କିନ୍ତୁ ନିରୁଦ୍ଦିଷ୍ଟ ମୋ ଠି,
କେଜାଣି କାହା ଭିତରେ କେତେ ଆଉ କେମିତି ବଞ୍ଚିଥିବି
ମୁଁ ତ ଯାଯାବର ମଣିଷ ଟିଏ ପରି
ଜୀବନର ପୃଷ୍ଠା ସବୁକୁ ନିଇତି ଚିରୁଥାଏ
ସେଇ ଏକେଲାପଣ ମଧ୍ୟରେ ।

ଅନେକ ଦେଖିଛି,
ଲୁହରେ ଲିପିବଦ୍ଧ ଇତିଚିତ୍ର ଗୁଡିକୁ
ନିଜ ଭିତରେ ଘଟିଥିବା ଅନେକ ଯୁଦ୍ଧକୁ
ସେଥିପାଇଁ ତ ଅଲିଭା କ୍ଷତସବୁ ବଞ୍ଚି ରହିଛନ୍ତି

ମୁଁ କିନ୍ତୁ ଦେଖିପାରେନି ସେଇ ସବୁକୁ ।

ମୁଁ ତ ନିଃସ୍ୱ ଟିଏ ,
ଅନେକ ସବୁର ଅପହଞ୍ଚରେ
ତଥାପି ସେଇ ଅତୀତର ଦାୟଦ ମୁଁ
ମୋ ନିଜ ଭିତରର ଦୃଢ ନାୟକ ଟି ମଧ୍ୟ
ଲକ୍ଷ୍ୟ କିନ୍ତୁ ଶେଷ ହୋଇଯିବାକୁ ।

*****

ଜଗନ୍ନାଥପୁର, ଜଗତସିଂହପୁର

# ଧିକ୍ ଯୁବାଧନ

ସମ୍ବିତ ସତ୍ୟପ୍ରକାଶ ମିଶ୍ର

ଧିକ୍ ଯୁବାଧନ ଆଜି ଏ ଦିନରେ
ଉଲ୍ଲସିତ ତୁମେ ପ୍ରେମେ,
ବୀର ଯବାନଟି ଶହୀଦ ହୋଇଥିଲା,
କେତେ ଦୁଃଖ ମାତୃ ଭଗ୍ନୀ ମନେ ।୧।
କଣ୍ଟକିତମୟ ବୈଧବ୍ୟ ଯନ୍ତ୍ରଣା
ଭାର୍ଯ୍ୟା ଦିବାନିଶି ଝୁରୁଥାଏ ପ୍ରାଣେ,
ମଧୁ ଚନ୍ଦ୍ରିକାରେ ଭାସି ବୁଲୁଥାଅ
ସ୍ୱପ୍ନ ନାୟିକା ସାଥେ ଗୋପନେ ।୨।
ସୁଯୋଗ୍ୟ ସନ୍ତାନ ଭାରତ ମାତାର
ବୀର ପୁଙ୍ଗବ ଯେ ଥିଲ,

କୋଟି କୋଟି ଜନ ଜୀବନ ବଞ୍ଚାଇ

ନିଜେ ପ୍ରାଣ ବଳି ଦେଲ ।୩।

ପାଶ୍ଚାତ୍ୟ ଦେଶରୁ ଅପସଂସ୍କୃତିକୁ

ସାଦରେ ଗ୍ରହଣ କଲ,

ଜୟ ଯୁବାଧନ ! ମୋହଗ୍ରସ୍ତ ହୋଇ

ମାତା ପିତାଙ୍କୁ ବି ଭୁଲିଗଲ ।୪।

*****

ଗୁଡ଼ିଆନାଳୀ,ଢେଙ୍କାନାଳ

# ମୋ ମନର ପୁନଃଜନ୍ମ

ନିରୁପମା ନାୟକ

ଉତ୍ତପ୍ତ ଖରାରେ ଯେମିତି
ମେଘର ଶିତଳତା ପରି...
ତୁମେ କ୍ଲାନ୍ତ ଏ ମନକୁ ଅକ୍ଲାନ୍ତ କରିଦେଲ
ସ୍ନେହର ଅପୂର୍ବ ଭାବ ଭରି
ତୁମେ ନିର୍ଜୀବ ଦେହ ପୁଣି ପ୍ରାଣ ସଂଚାରି
ଜୀବନ୍ତ ହେବାର ଦେଲ ପୁନଃ ଅନୁଭୂତି
ତୁମେ ସାଥେ ମୋ ମନକୁ ଯୋଡି
ସାଜିଲ ମୋ ମନର ସାଥି
ତୁମ ପ୍ରେମ ସ୍ୱାର୍ଥ ହୀନ
କିଛିତେ ବି ନାହିଁ କାମନାର ଅଂଶ

ଅସୀମ ଭଲପାଇବାର ଏକ ପୃଥିବୀ ତୁମେ

ଯାର ନ ଅଛି ଦ୍ରାଘିମା ନା ଅକ୍ଷାଂଶ

ବନ୍ଧୁ ରୂପେ ପରିଚିତ ହୋଇ

ପ୍ରାଣବନ୍ଧୁ ସାଜି ଏ ଜୀବନେ ରହିଲ

ଅପ୍ରିତି ଭରା ଏ ମନକୁ କେଜାଣି କେମିତି

ପ୍ରୀତି ଭାବରେ ମୋହିଲ

ତୁମେ ପ୍ରକୃତ ମନର ମଣିଷ

ଦେବତା ବୋଲି ତ କହିବିନି

ତୁମେ ପୁରୁଷତ୍ୱର ଏକ ଆଦର୍ଶ ମୂରତି

ଧନ୍ୟ ମଣେ ହୋଇ ତୁମ ଅର୍ଦ୍ଧାଙ୍ଗିନୀ

ତୁମ ସ୍ପର୍ଶରେ ପୁନଃ ପ୍ରଫୁଲ୍ଲିତ ହେଲା

ମୋ ମନର ନିରସ ସରୋଜ

ତୁମ ମିଳନେ ସମ୍ଭବ ହେଲା

ମୋ ମନର ପୁନଃଜନ୍ମ : ପ୍ରିୟ ମନୋଜ...

***** ରାଜଗାଙ୍ଗପୁର, ସୁନ୍ଦରଗଡ

# ଏଇ ଏକ ଦଶନ୍ଧି

ତପସ୍ୱିନୀ ଦାଶ ଷଡଙ୍ଗୀ

ଏଇ ଏକ ଦଶନ୍ଧିର ସମ୍ପର୍କ
ଯେଉଁଥିରେ ଲୁକ୍କାୟିତ ଅଛି ଅନେକ ଅଭୂଲା ଅତୀତ
ସେଇ ଅଭୂଲା ଅତୀତ ଭିତରୁ
କିଛି ଦେଇଛି ମନରେ ଉତ୍କଣ୍ଠା
ଆଉ କିଛି ଦେଇଛି ମନରେ ଅବସନ୍ନତା
ତଥାପି କେବେ ବିରାମି ଯାଇନି ଏ ସମ୍ପର୍କ ।
ଏଇ ଏକ ଦଶନ୍ଧିର ଭଲ ପାଇବା
ଯେଉଁଥିରେ ଅଛି କିଛି ମଧୁଝରା ଲଗନ
ଆଉ କିଛି ସ୍ୱଳ୍ପ ସମୟର ଅଭିମାନ
ତଥାପି ଏ ଭଲ ପାଇବା କେବେ ପଥଶ୍ରାନ୍ତ ହୋଇନି ।

ଏଇ ଏକ ଦଶନ୍ଧିର ବିଶ୍ୱାସ

ଯାହା କରିଛି ଏ ଅପରିଚିତ ଦୁଇ ହୃଦୟର ମିଳନ

ଯାହା ଦେଇଛି ଦୁଇଟି ଦେହକୁ ଗୋଟିଏ ସ୍ପନ୍ଦନ

ତଥାପି ଏ ବିଶ୍ୱାସର ଡୋର ସେମିତି ଶକ୍ତ ଅଛି

ଭାଙ୍ଗିବନି ଏହାକୁ କେବେ ଅବିଶ୍ୱାସର ଅଣଚାଶ ପବନ ।

ଏଇ ଏକ ଦଶନ୍ଧିର ଶିକ୍ଷା

ଯାହା ଶିଖାଇ ଦେଇଛି

ସେ ଜହ୍ନରେ ଥିବା ଚିହ୍ନର ସଂଜ୍ଞାକୁ

କଳଙ୍କର ଦାଗ ନୁହେଁ ସେ ବଢାଉଛି ତା'ର ସୌନ୍ଦର୍ଯ୍ୟକୁ

ଠିକ୍ ସେମିତି ଯଦି ରାଗ ରୁଷା ନ'ଥାନ୍ତା

ଏ ଦଶନ୍ଧି ଖାଲି

ଲୋକ ଦେଖାଣିଆ ଭଲପାଇବାର ନିଦର୍ଶନ ହୋଇ ଯାଇଥାଆନ୍ତା ।

*****

ବେଙ୍ଗାଲୁରୁ

# ପ୍ରୀୟଂକା ତୁମେ ଭୁଲ୍ ଥିଲ

ବି.ଏମ୍. ମିତ୍ରଭାନୁ

ଭୁଲ୍ ଥିଲ ପ୍ରୀୟଂକା ତୁମେ
ନାରୀ ଟିଏ ହୋଇ
ପୁରୁଷ କୈନ୍ଦ୍ରିକ ଘୃଣ୍ୟ
ସମାଜରେ ଜନ୍ମ ନେଇ ।
ଭୁଲିଗଲ ତୁମେ ଯାଉଛ
ଅନ୍ଧାର ରାତିରେ
କାହିଁକି ଭାବିଲନି
କେହି ନାହାନ୍ତି ସାଥିରେ ।
ଥିଲ ପରା ତୁମେ
ପଶୁ ଡାକ୍ତରାଣୀ

କେମିତି ପାରିଲନି ଚିହ୍ନି

ମଣିଷ ମୁଖା ପଶୁକୁ ପୁଣି ।

ଭୁଲ୍ ଥିଲା ତୁମ ଶାଢୀ ପିନ୍ଧା

ସେ ସାଣ୍ଢଣାର ଚାଲି

ନହେଲେ କାହିଁକି ସେ ପଶୁ

ଘେରିଗଲେ ହୋଇ ମେଳି ।

ସେ ପ୍ରୀୟଂକା ସିନା ଭୁଲ୍ ଥିଲା

ତାକୁ ଦେଲ ଜାଳି

ଆଜି ବି ଅନେକ ପ୍ରୀୟଂକା ଜଳୁଛନ୍ତି

ସେହି ଭୟରେ ଥରି ।

ଆଃଛା ପ୍ରିୟଂକା ତୁମେ ତ ଭୁଲ୍ ଥିଲ...

ଆଉ ନିର୍ଭୟା ସେ ବି କ'ଣ...

ଉତ୍ତର ହୀନ ପ୍ରଶ୍ନ ଟିଏ ?

*****

ତିର୍ତ୍ତୋଲ, ଜଗତସିଂହପୁର

# ନୂଆ କଥା

ବିଦ୍ୟାଧର ପଣ୍ଡା

ଜୀବନର ପଥେ ପଥେ

ଧୀରେ ଚାଲୁ ଚାଲୁ ବାଟ,

କେତେ ନୂଆ ନୂଆ ମୁହଁ

ହୁଏ ଅଚାନକ ଭେଟ ।

ଆଗ ସବୁ ମୁହଁ ଲାଗେ ନୂଆ

ସେଇ ନୂଆ ଦେଖା ବେଳେ,

ଦିଶେ ସବୁ ନବୀନ ସ୍ୱରୂପ

ନୂଆ କଥା ଶୁଣିବାକୁ ମିଳେ !

ରାସ୍ତାର ଶେଷ ମୋଡରେ

ହିସାବଟା ଯେବେ ସରିଯାଏ,

କହିଥାଏ ଯିଏ ଯେତେ
ସିଏ ଅବା କେତେ ନୂଆ ଥାଏ ?
କିଛି ଏଇ ଜୀବନରେ ଜମା
ହୋଇନି କି ହେବନାହିଁ ନୂଆ,
ପଡ଼ି ରହିଥାଏ ନିର୍ଲ୍ଲଜ ଜୀବନ
ଦୁନିଆଁଟା ନୂଆ ଜାମାପିନ୍ଧି
ପାଲଟେ ନିତି ନିତି ଅର୍ଦ୍ଧନୂଆ !

*****

ଅଢେଇଗୁଣ୍ଡି, କାନପୁର, କଟକ

# ଶ୍ୟାମଳୀ ଝିଅର ସ୍ମୃତି

ଅପରାଜିତା ବେସନ

ସବୁଜ ଝରକା ସେ ପାଖରେ ପ୍ରିୟା
ଶ୍ୟାମଳୀ ଝିଅର ସ୍ମୃତି,
ପୂର୍ଣ୍ଣମୀର ଇନ୍ଦୁ ପ୍ରୀତି ଅନୁରାଗେ
ଉଙ୍କିମାରେ ସାରାରାତି ।
ଋତୁ ସବୁଆସି ଲେଉଟି ଗଲେଣି
ଫେରି ପାରୁନି ଶ୍ରାବଣ,
ଭଙ୍ଗା ହୃଦୟରେ ବାକି ଅଛି ତା'ର
କାହା ସ୍ମୃତି ଆକର୍ଷଣ !
ଝଡର ବିହଙ୍ଗ ଦୂରେ ଉଡିଯାଏ
ଭୁଲିଯାଏ ମାଟି ମୋହ,

ମନ କୃଷ୍ଣସାର ଧରଣୀ ବୁକୁରେ

ନୀରବେ ଝରାଏ ଲୁହ ।

ଜୀବନର ପଥେ ମନ ପାନ୍ଥଶାଳା

ସ୍ମୃତି ସ୍ଵାକ୍ଷରରେ ଭରା,

କୁହୁକ ଦୁଃଖର ଉତ୍ତାପ କେବେ ସେ

କେବେ ସୁଶୀତଳ ଧାରା ।

ସ୍ମୃତି ମହକାଏ ମନର ଅଗଣା

ମଧୁର ସୌରଭ ଛୁଆଁ,

କେବେ ସେ ଜଳାଏ ହୃଦୟକୁ ସାଜି

ପାଉଁଶ ତଳର ନିଆଁ ।

*****

ବରଗଡ

# ଜାନୁଆରୀ ଓ ଡିସେମ୍ବର

ଅମ୍ରିତେଶ ଖଟୁଆ

ବନ୍ଧ୍ୟା ମାଟିରୁ ପାଉଁଶରୁ ଅକ୍ଷତ ଛିଣ୍ଡାଇ
ମୁଣ୍ଡପାତି ଆଶିଷବତ୍ କରନ୍ତି ସଂକଳ୍ପ,
ତର୍ପିତ କରନ୍ତି ଅପସୃୟମାନ ଚଳନ୍ତିକାକୁ
ଅତୀତର ଦ୍ୱାହିନାମାରେ
ତେବେ ବଡ଼ ରୋଚକ କରନ୍ତି
ଦିନଚର୍ଯ୍ୟାର ପର୍ଯ୍ୟବେସନେ ଅନେକେ,
ଅତୀତ ଆଉ ଭବିଷ୍ୟତ
ବର୍ତ୍ତମାନ ବନ୍ଧା ଜାନୁଆରୀର ଅବ୍ୟବହିତରେ
ଅତୀତ ରୁନ୍ଧା ଡିସେମ୍ବରର ନିର୍ବାସନରେ...।
ନିର୍ବେଦଗ୍ରସ୍ତ ଶୂନ୍ୟତା ଛିଣ୍ଡିପଡୁଥାଏ

ସୂତାଖିଅରୁ ଟାଣିଲା ବେଳୁ ଓଟାରି ଓଟାରି
ବଥାଏ ଓହଲେ, ନଥାଏ ଗହଲେ
କେତେ କେତେ "ଓରଫ"ରୁ ଝଙ୍କାଳିଆ ଅବଧାନ
ଛୁଟିପଡିବ ପହିଲାରୁ, ପୁଣି ଲେହିବ
ନବ ଆସ୍ତରଣ, ଫିଙ୍ଗି ଦେଇଥିବ ସମସ୍ତ ଦାରୁଣ
ଅସ୍ତରାଗର ନିସ୍ତରଙ୍ଗ ଉଦୟଲଗ୍ନ !
ତନ୍ଦ୍ରିତ ପ୍ରହରୀ ରାତ୍ରିର ମଧ୍ୟବିତ୍ତ ଆଲୁଅ
ବେପାରରୁ ବେଉସା ଲେଉଟାଇ ଆସିଛି,
ମଡାକୁ ଜୀବନ ନ ଦେଇ ପାରି ବେଉସା
ଭାଙ୍ଗିଦେଇ ପାରିଛି କେତେ କେତେ
ଅଲୋଡା ସ୍ୱପ୍ନମାନଙ୍କ ନିବିଷ୍ଟ ଅନ୍ଧକାରେ
ଆଉ କୁହୁକର ଅପନ୍ତରା କୁହର ଭିତରୁ କୃଷ୍ଣଗର୍ଭ
ପରି ଝଲସି ଉଠୁଥିବ କୋଟି କୋଟି ପ୍ରାଣର
ନିଶବ୍ଦ ଗ୍ରନ୍ଥିତ ଉଶ୍ୱାସ !

ପୁଣି ଆସୁଥିବ ଜାନୁଆରୀ,

ଡିସେମ୍ବରକୁ ଶୁଁପେଇ ତା ଛିଙ୍କ ତଳେ

କେତେ କେତେ ଧୂମ୍ରାଭ ଅସ୍ତରାଗରୁ ସକାଳକୁ

କୋହଲା ଦେଖାଇବା ପାଇଁ !

*****

୨୩୭, ଫେଜ୍ -୨, କାନନ ବିହାର,

ପଟିଆ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର

# ପୁଅ ଝିଅ ସବୁ ସମାନ

କବିରତ୍ନ  ନୂତନ କୁମାର ବେହେରା

ପୁଅ ଝିଅ ଭାଇ ସବୁ ସମାନ

ବାପା ମାଆାଙ୍କର ହୁହେଁ ସନ୍ତାନ,

ଭେଦାଭେଦ ବାଛି କରି ନିୟୁନ

ଝିଅକୁ କରନ୍ତି ଯେ ହୀନିମାନ  ।

ସୃଷ୍ଟିର ସୁରକ୍ଷା କରିବା ପାଇଁ

ବିଧାତା ବିଧାନ ହୋଇଛି ଏହି,

ନାରୀ ଯେ ମାଆ ଜନମ ଦାୟିନୀ

ତା' ବିନା ସଂସାରେ ଆସିନି କେହି  ।

ନାରୀକୁ ଯିଏ କରେ ଅସମ୍ମାନ

ମାତୃ ଜାତିକୁ  ଦିଏ ଅପମାନ,

ସମାଜ ଆଖିରେ ସେ ଅତି ହୀନ

ପଶୁ ପ୍ରାୟେ ସିଏ କାଟେ ଜୀବନ ।

ଜାଣିଶୁଣି କେତେ କରନ୍ତି ପାପ

ସେଥି ପାଇଁ ନାହିଁ ତ ଅନୁତାପ,

ଝିଅଙ୍କ ଉପରେ ପକାଇ ଚାପ

କରୁଛନ୍ତି ତାଙ୍କୁ କେତେ ବିଦ୍ରୁପ ।

ନିତି ନିତି କେତେ ଘଟଣା ଘଟେ

ଝିଅଟି ଏକା ଯାଉଥିଲେ ବାଟେ,

ପରିସ୍ଥିତି କେହି ନବୁଝି ମୋଟେ

ତା' ଚରିତ୍ର ଗାଇ ବୁଲନ୍ତି ହାଟେ ।

ଏଠି ନାରୀଟିର ନାହିଁ ସୁରକ୍ଷା

ପ୍ରତି ମୁହୂର୍ତ୍ତରେ ଦିଏ ପରୀକ୍ଷା,

ଧୈର୍ଯ୍ୟ ଧରି କରିଥାଏ ଅପେକ୍ଷା

ତଥାପି ତା'କୁ କରନ୍ତି ଉପେକ୍ଷା ।

ପୁଅଟି ଜନମିଲେ ହସଖୁସି

ଝିଅ ଜନମିଲେ ମାଆ ଦୋଷୀ,

ସ୍ୱାମୀ ସ୍ତ୍ରୀ ଉପରେ ଯାଏ ବରଷି

ବୋହୂଟି କହି ପାରେନା ଭରସି ।

ପୁଅ ପାଇଁ ବାପାମାଆ ସଜାଗ

ଯାହା ଖୋଜିଲେ ଅଣାହୁଏ ଆଗ,

ସବୁଥିରେ ତାର ଯେ ବେଶି ଭାଗ

ଝିଅ ଲାଗି ନ ଥାଏ ଅନୁରାଗ ।

କଥାରେ କୁହନ୍ତି ସବୁ ସମାନ

କାମ ବେଳକୁ ପୁଅଝିଅ ଭିନ୍ନ,

କେହି ବୁଝନ୍ତି ନାହିଁ ଝିଅ ମନ

ଇଛା ମତେ ଶୁଣାନ୍ତି ପ୍ରବଚନ ।

ଏତେ ସବୁ ଭେଦଭାବ ପାଶୋରି

ଉଭୟଙ୍କୁ ଯିଏ ନିଏ ଆଦରି,

ସେ ପରିବାରେ ସୁଖ ଶାନ୍ତି ଭରି

ନିତି ନାଚଇ ଆନନ୍ଦ ଲହରୀ ।

କନ୍ୟା ରତ୍ନ କଲେଟି ତାର ଯତ୍ନ

ବାପାମାଆ ନିଶ୍ଚେ ହୁଅନ୍ତି ଧନ୍ୟ,

ଜଗତେ ସାର୍ଥକ ତାଙ୍କ ଜୀବନ

ତାହାହିଁ ମାନବର ମହାପୁଣ୍ୟ ।

*****

କୋହି, ଗଡ଼ିଆ, ମୟୂରଭଞ୍ଜ

# କର୍ମ

ପ୍ରୀତିରଞ୍ଜନ ନାୟକ

ମଲା ପରେ ପଞ୍ଚଭୂତ
ମାଟିରେ ମିଶନ୍ତି
ଶରୀର ହୁଅଇ ଶବ,
ଏତେ ଗର୍ବ ପୁଣି
କେଉଁ ପାଇଁ ଏଠି
ଗର୍ବ ହୁଏ ପୁଣି ଖର୍ବ ।

ସମାଜେ ବଞ୍ଚଇ
ନାମ ଲୋ ସଜନୀ
ଆଉ ସବୁ ହୁଏ ଲୀନ,

ଯାହା ତୁ ଅର୍ଜିଛୁ
ନାମକୁ ଛାଡିକି
ସବୁ ହେବ ଅନ୍ତର୍ଦ୍ଧାନ ।

ଚାରି କାନ୍ଧେ ଦିନେ
ବୁହା ହେଇଯିବୁ
ଛ ଖଣ୍ଡ କୋକେଇରେ,
ନିଜ ନିଜ ବୋଲି
ଯାହାକୁ ମଣୁଛୁ
ଭୁଲିଯିବେ ତତେ ପରେ ।

କାହିଁକି ଏ ପ୍ରେମ
ସଂସାର ପାଇଁ କି
କାହିଁକି ଏ ଲୀଳା ଖେଳା,
ସବୁର ଶେଷରେ

ମାଟିରେ ମିଶିବା

ସରିଯିବ ସବୁ ଲୀଳା ।

କର୍ମ ହିଁ ଜୀବନ

କର୍ମ ହିଁ ମରଣ

କର୍ମ ଦିଏ ଅମରତ୍ୱ,

କର୍ମ କରିଥିଲେ

ମନେ ରଖିଥିବେ

ଏହା ଯେ ନିରାଟ ସତ ।

*****

ରାଜକନିକା, କେନ୍ଦ୍ରାପଡ଼ା

# ଅବିଶ୍ୱସ୍ତି ବାଳା

ହୃଦୟାନନ୍ଦ ପଧାନ

କାହିଁକି ଧାଉଁଛୁ    କାହିଁକି ଧାଉଁଛୁ

ଏ ବିଟପି ବାଳା ପଛେ ।

ଶୋଷିନେଇ ତୋତେ କାଙ୍ଗାଳ କରିବ

ପସ୍ତେଇବୁ ମନ ଇଛେ ।

ଶ୍ରେଷ୍ଠ ଜୀବ ହୋଇ    ନ ଜାଣୁ ମହିରେ

କ୍ଷଣ ଭଙ୍ଗୁର ପ୍ରେମ ।

ପ୍ରେମ ନୁହେଁ ସେତ    ଅନାବିଳ ତୃଷ୍ଣା

ଶୋଷିବ ତପନ ସମ ।

ଜାଣି ଜାଣି କିମ୍ପା   ନିର୍ବୋଧ ହଉଛୁ

ହଇରେ ବାଚାଳ ଟୋକା ।

ଧାଇଁଣ ତା ପଛେ   ଗୋଡେଇ ମରିବୁ

ନିଃସଙ୍ଗେ ହୋଇବୁ ଏକା ।

ଧନ ସମ୍ପତି ତୋ   କଞ୍ଚା ଖାଇ ଯିବ

ଜାଣି ନ ପାରିବୁ ତୁହି ।

ନିଃସଙ୍ଗ ଜୀବନେ   ଅନ୍ତିମେ ଭାଳିବୁ

ମନେ ମନେ ତାକୁ ଧ୍ୟାୟୀ ।

ଏଡ଼େ ଜ୍ଞାନୀ ହୋଇ   ନ ବୁଝି ପାରୁଛୁ

କ୍ଷଣ ବିଦ୍ରୁପ ପ୍ରେମ ।

ଜ୍ଞାନବନ୍ତ ବୀର   ନ ଭାଳେ ମନରେ

କଦାପି ନ ହୁଏ ଭ୍ରମ ।

ଛିହିଁନୁ ନାରୀକୁ   ଆଧୁନିକ ଯୁଗେ

ନବୀନ ଯୌବନ ବାଳ ।

ନୂତନ ଆଭାରେ   ଚଟେଇ ଦେଇନ

ତୋ ପ୍ରତି ହୋଇବ କାଳ ।

ଉପରେ ମଧୁର ବଚନ ବଖାଣି

ଟାଣି ନେବ କେତେ ଦୂରକୁ ।

ଭିତରେ ଗରଳ ମାଳା ପେଣ୍ଠା ଗୁନ୍ଥି

ଠେଲିବ ସେ ମହାର୍ଣ୍ଣବକୁ ।

ଅକାତ ଲହରୀ ମାଳରେ ବୁଡିବୁ

ତୋରି କୃତ କର୍ମ ପାଇଁ ।

ଜଳ ଢ଼ୋକି ଢ଼ୋକି ଶେଷରେ ମରିବୁ

ଟାଣି ନେବନି ତୋତେ କେହି ।

କରିଛି ମୁଁ ପ୍ରେମ ବୁଝିଛି ତା ମର୍ମ

ଆରେ ମୋ ପ୍ରିୟ ତରୁଣୀ ।

ଯାଅନା ଯାଅନା ମରିବ ମୋ ପରି

ଶେଷେ ହେବ ବାଟ ବଣା ।

ପ୍ରେମ ସଂଜ୍ଞା ଜାଣି ପ୍ରେମ କରୁଥିଲି

କେତେ ଝଡ ଝଞ୍ଜା ସହି ।

ତା ପାଇଁ ଜୀବନ   ଜଳାଞ୍ଜଳି ଦେଇ

ଲଢ଼ି ଚାଲିଛି ଥିଲି ମୁହିଁ  ।

ଶୟନେ ସ୍ୱପନେ   କିବା ଜାଗରଣେ

ଦେଖେ ମୁଁ ତା ପାଇଁ ସ୍ୱପ୍ନ  ।

ଲେଖୁ ଥାଏ ନିତି   କେତେ କେତେ ଢଙ୍ଗେ

ନୂଆ କବିତା ଓ ଗପ  ।

ଦେଖା ହେଲେ   ତା'ର ମୁରୁକି ହସରେ

ଫାଟି ପଡେ ମୋର ବୁକୁ  ।

ପ୍ରଥମ ପ୍ରେମର   ପ୍ରଥମ ଯୌବନେ

ମନ ହୁଏ ଦୁକୁ ଦୁକୁ  ।

ଦିନେ ନଦେଖିଲେ   ପ୍ରିୟାକୁ ମୋହର

କର୍ମରେ ନ ଲାଗେ ମନ  ।

ମନ ମାରି ବସେ   ନିରୋଳା ସ୍ଥାନରେ

କରେ ମୁଁ ତାକୁ ସ୍ମରଣ  ।

ମାତ୍ର ଏକ ଦିନେ   ଛାଡି ଚାଲିଗଲା

ମୋ ପ୍ରିୟା କୋମଳ ମୁଖ୍ ।

ଘାରି ହୋଇ ମୁଁ ଯେ   କାନ୍ଦି ଚାଲୁଥିଲି

ଅତୀତ କଥାକୁ ଦେଖି ।

ପ୍ରେମର ତାରୁଣ୍ୟ   ସହି ପାରୁନାହିଁ

ଝୁରି ଝୁରି ଖାଲି ମରୁଛି ।

କେତେ ଯେ ଯନ୍ତ୍ରଣା   ମନରେ ହଉଛି

ଛଟପଟ ହୋଇ ଭାଳୁଛି ।

କରିଥିଲି ଆଶା   କରିବି ତାହାକୁ

ଜୀବନ ସଙ୍ଗିନୀ ମୋର ।

ମୋ ଭଲ ପାଇବା   ପାଦେ ଦଳିଦେଇ

ହୋଇଗଲା ସେ କାହାର ।

ମଝି ଦରିଆରେ   ଛାଡିଦେଇ ସେ ଯେ

ଚାଲିଗଲା ମୋତେ ଏକା ।

ନିସଂଗ ଜୀବନେ ପଥହରା ହୋଇ
ଗତି କରୁଛି ହେ ସଖା !
ତେଣୁ ହେ ତରୁଣ ! କହୁଛି ହୋ ଶୁଣ !
ତାଙ୍କୁ ନ ଯିବୁ ବିଶ୍ଵାସେ ।
ବିଷ ଦେଇ ତତେ ମୋ ପରି ଜାଳିବେ
ଢଳି ଯିବୁ ତା'ର ନିଶ୍ଵାସେ ।
ସେ ଉତ୍ତପ୍ତ ଖଣ୍ଡ ତୋସାମ୍ନତି ପିଣ୍ଡ
ଅନଳ ତାହାର ସଖା ।
ଜ୍ଵଳନ୍ତ ଦକ୍ଷିଣ ପାଉଁଶ କରିବ
ରଖି ଦେବନି ତୋ ସତ୍ତା ।

*****

ଅମରପାଲି, ବୀରମହାରାଜପୁର
ସୁବର୍ଣ୍ଣପୁର

# ଗଦ୍ୟ ବିଭାଗ

*"ଏ ଦୁନିଆଁରେ ଖଣ୍ଡେ ସାଦା କାଗଜର ମହତ୍ତ୍ୱ ଏକା ସେ ଜାଣିଛି ଯେ ଲୁହ ଆଉ ଦୁଃଖ ବାଣ୍ଟିବାକୁ ସାଥୀଟିଏ କେବେ ଏକାନ୍ତରେ ଖୋଜିଛି ।"*

***- ତପସ୍ୱିନୀ ଦାଶ ଷଡଙ୍ଗୀ***

# ବ୍ଲାକଆଉଟ ଡେ

ରୋଜା ପଣ୍ଡା

ଆଜି ପ୍ରଣୟ ଦିବସ ଅର୍ଥାତ ଭାଲେଣ୍ଟାଇନ ଡେ । ମୀରା ଅପଲକ ନୟନରେ ଅବଲୋକନ କରିଥାଏ ବୃକ୍ଷ ଡାଳର ଏକ ଶାଖାକୁ । ସେ ଦେଖୁଥାଏ ଆଳାପରେ ମଗ୍ନ ଥିବା ଦୁଇ କପୋତ କପୋତିଙ୍କୁ ଏବଂ ଭାବୁଥାଏ ତା'ର ପ୍ରେମିକ ମିହିରର ତା ପ୍ରତି ଥିବା ପ୍ରେମ ଆଉ କିଛିଟା ଅନ୍ତରଙ୍ଗ ମୁହୂର୍ତ୍ତକୁ । ପ୍ରେମ-ମିଳନ-ସୃଷ୍ଟି ଏ ତ ପ୍ରତ୍ୟେକ ଜୀବନର ଚରମ ସତ୍ୟତା । ମୀରା ସାମ୍ନାରେ ଥିବା ପକ୍ଷୀମାନଙ୍କୁ ବାରମ୍ବାର ଧନ୍ୟବାଦ ଦେଉଥାଏ ଆଉ ଶିଖୁଥାଏ ସେମାନଙ୍କ ଠାରୁ କାମନାର ସଂଜୀବନୀ ମନ୍ତ୍ର । ସନ୍ଧ୍ୟା ଆସନ୍ନ ପ୍ରାୟ । ହଠାତ ମୀରା ଅନୁଭବ କଲା ତା'ର କାନ୍ଧ ଉପରେ କାହାର ଚିହ୍ନା ସ୍ପର୍ଶକୁ ।

ଆଖି ଉଠେଇ ଦେଖିଲା ତା ପାଖରେ ଦଣ୍ଡାୟମାନ ତା'ର ପ୍ରେମିକ ମିହିର । ମୃଦୁ ମୃଦୁ ହସିବାକୁ ଲାଗିଲା ମୀରା । ମିହିରର ହାତ ଧରି ପାଖରେ ବସାଇ ପ୍ରୀତି ଚୁମ୍ବନ ପାଇଁ ଆହ୍ୱାନ କରିବାକୁ ପ୍ରୟାସ କରିଚାଲିଲା ସେ ଚକ୍ଷୁ, ଦନ୍ତପନ୍ତି ଓ ଜିହ୍ୱାର ଇଙ୍ଗିତରେ । ମିହିର କିନ୍ତୁ ମୁହଁ ଫେରାଇ ନେଇଥିଲା । ଖୁବ ବିଷାଦଗ୍ରସ୍ତ ଦିଶୁଥିଲା ତା'ର ମୁଖମଣ୍ଡଳ । ବହୁତ କିଛି ହରେଇ ଦେଇଥିବାର ଦୁଃଖ । ପ୍ରଶ୍ନ ଛଳରେ ମୀରା କହିଲା - ମିହିର, ତୁମର କ'ଣ ହେଇଛି ? ଆଜି ଭଳି ଏକ ପ୍ରଣୟ ଦିବସରେ ତୁମେ ମୋ ପାଖରୁ ମୁହଁ ଫେରାଇ ନେଉଛ କାହିଁକି ? ମୋ ଦ୍ୱାରା କିଛି ଭୁଲ ହେଇଛି କି ? ମୀରାର ପ୍ରଶ୍ନ ଶୁଣି ମିହିର ଗମ୍ଭୀର ସ୍ୱରରେ ଉତ୍ତର ଦେଲା - ନା, ଭୁଲ ତୁମେ କରିନା ପ୍ରିୟେ । ଭୁଲ କରିଛି ଆମ ପଡୋଶୀ । ମନେ ପକାଅ ଆଜିର ଏହି ଦିବସକୁ । ଯେତେବେଳେ ଗୋଟେ ପଟେ ଏ ସାରା ବିଶ୍ୱ ୧୪ ଫେବୃୟାରୀରେ ପ୍ରେମ ଦିବସ ପାଳନ କରୁଥିଲା ଠିକ୍ ସେତିକିବେଳେ ଜମ୍ମୁ-କାଶ୍ମୀରର ପୁଲୱାମା ଜିଲ୍ଲାରେ ଯବାନଙ୍କ ରକ୍ତରେ ହୋଲି ଖେଳିଥିଲେ ଜେଇଏମ ଆତଙ୍କବାଦୀ ।

ଆଜିର ଠିକ୍ ଏହି ଦିନରେ ଆତ୍ମଘାତୀ ଆକ୍ରମଣରେ ୪୦ ଯବାନ ସହିଦ ହେଇଥିଲେ ।ସେଥିପାଇଁ ସେହି ଦିନଠାରୁ ଆଜିର ଏ ପ୍ରଣୟ ଦିବସ ଆମ ଅଖଣ୍ଡ ଭାରତବର୍ଷର ଭାରତୀୟ ମାନଙ୍କପାଇଁ ଏକ ଅବିସ୍ମରଣୀୟ ଲୋମହର୍ଷଣକାରୀ ଦିବସ ଭାବରେ ପରିଚିତ ହେଇସାରିଛି । ଏହି ଦିବସରେ ପଡ଼ୋଶୀର ବର୍ବରୋଚିତ ଚକ୍ରାନ୍ତ ଭାରତର ପୁଲୱାମା ଠାରେ ୪୦ ଯବାନ ଦେଶମାତୃକାର ସେବା କରିବାକୁ ଯାଇ ସହିଦ ହେଇଯାଇଥିଲେ । ଆଜି ବି ସେଇ ଲୋମହର୍ଷଣକାରୀ ଘଟଣା ମନେପଡିଲେ ଛାତିକୁ ବିଦାରି ଦିଏ । ଠିକ୍ ଆଜିଭଳି ଏକ ପ୍ରଣୟ ଦିବସରେ ରକ୍ତ ରଞ୍ଜିତ ହେଇଯାଇଥିଲା ଆମ ଭାରତ ମାତାର ଛାତି । ଭାରତ ମାତାର ସେଇ କ୍ଷତାକ୍ତ ହୃଦୟ ଚିରଦିନ ପାଇଁ ପ୍ରତ୍ୟେକ ଭାରତୀୟଙ୍କ ମନରେ ଏକ ଅଭୁଲା ସ୍ମୃତି ହେଇ ରହିଯିବ । ପୁଲୱାମାର ସେଇ ରକ୍ତ ରଞ୍ଜିତ ବିଶାଳ ବୁକୁ ଉପରେ ସହିଦ ହେଇଯାଇଥିଲେ କେତେ ଯେ ମହାରଥୀ ତା'ର ଗଣନା ନାହିଁ । ବୁକୁ ଫଟାଇ କାନ୍ଦୁଥିଲା ସେଦିନ ଏଇ ଧରଣୀ ମାଟି ଆଉ କାନ୍ଦୁଥିଲେ ତା'ର

ଶହେ ପଚିଶ କୋଟି ନିରୀହ ଜନମାନସ । ବିଦ୍ରୋହର ମଶାଲ ଧରି ନୟନରୁ ଝର ଝର ଅଶ୍ରୁ ଝରାଇ ସେମାନେ ପ୍ରଶ୍ନ କରିଚାଲିଥିଲେ ସେଦିନ ସେଇ ହୃଦୟହୀନ ପଡୋଶୀ ଦେଶକୁ , "ପଡୋଶୀ ତ ସୁଖ ଦୁଃଖର ସାଥୀ ହୁଏ, ରାଜଦ୍ୱାର ଠୁ ନେଇ ଶ୍ମଶାନ ପର୍ଯ୍ୟନ୍ତ ସାଥିରେ ଥାଏ ହେଲେ ଏ ତୁମେ କ'ଣ କଲ ? ପଡୋଶୀ ହେଇ ଆଉଜଣେ ପଡ଼ୋଶୀର ସର୍ବନାଶ କଲ ?" ଭାରତ ଭଳି ଏକ ଶାନ୍ତି କପୋତିକୁ ବିଷ ପିଆଇବା ସଦୃଶ୍ୟ ଆତତାୟୀ ହୋଇ ସେଦିନ ଆମ ପଡୋଶୀ ଦେଶ ଷଡଯନ୍ତ୍ର ରଚନା କରି ଏକ ଭୀରୁ ଏବଂ କାପୁରୁଷର ମାନ୍ୟତା ପାଇଥିଲା ବିଶ୍ୱ ଦରବାରରେ । ମିଥ୍ୟା ଦମ୍ଭର କଳଙ୍କିତ କାଳି ବୋଳି କୁତ୍ସିତ ପଡୋଶୀ ଦେଶ ସେଦିନ ଜାଳିଦେଇଥିଲେ ପୁଲୱାମା ବୁକୁରେ ଅହଂକାରର ଅନଳ । ଯେଉଁ ଅନଳ ଭସ୍ମ କରିଦେଇଥିଲା ଭାରତ ମାତାର ସ୍ମିତହାସ୍ୟକୁ । ମିହିର ମୁଖରୁ ନିସୃତ ଅପ୍ରିୟ ସତ୍ୟ ବଚନମାନ ମୀରାର ହୃଦୟକୁ ଖଣ୍ଡବିଖଣ୍ଡିତ କରିପକାଇଥିଲା ଆଉ ମନେପକାଇ ଦେଇଥିଲା ସେହି ଦୁଃଖଦ ମୁହୂର୍ତ୍ତ ଯାହା ସତରେ ଖୁବ୍ ଭୟଙ୍କର ।

ମୀରାର ଶ୍ୱେତବର୍ଣ୍ଣ ଗାଲ ଦୁଇଟି ଉପରେ କେଇ ମୁହୂର୍ତ୍ତ ପାଇଁ ବହି ଚାଲିଥିଲା ଏକ ଅମାନିଆ ଲୁଣିଆ ଝରଣାର ଧାର ।

*****

ପୂର୍ଣ୍ଣାନନ୍ଦ ଭବନ,
ନେତାଜୀ ନଗର,
ମଧୁପାଟଣା, କଟକ

www.store.preranaodia.com

Prerana e-Store

The ultimate bookshop

"ସପ୍ତଶଯ୍ୟା" ଏବେ ପ୍ରେରଣା ଇ-ଷ୍ଟୋରରେ ଉପଲବ୍ଧ ।
ନିମ୍ନୋକ୍ତ କୁପନ୍ କୋଡ୍ ବ୍ୟବହାର କରି ୧୦% ରିହାତି ପାଆନ୍ତୁ ।




10% OFF COUPON CODE - PRERANA01

DHRUBATARA PUBLICATIONS
BOOK TITLE- SAPTASAJYA
ISBN- 978-81-942801-0-1
PRICE Rs - 80/-

* TERMS AND CONDITIONS MAY APPLY

# ଅନାବନା ଭାବନାରୁ ଖିଏ: ଚିଠି ଟିଏ

ବନାଲୀ ଦାଶ

ଶ୍ରଦ୍ଧାର ମିତା ନାନୀ ;

ବହୁତ ଭଲ ପାଇବା ନବୁ । ଆଶା ତୁ ଈଶ୍ୱର'ଙ୍କ କରୁଣାରୁ ତୋ' ଟିକି ସଂସାରଟିକୁ ସୁଚାରୁ ରୂପେ ଚଳେଇ ନଉଥିବୁ ଆଉ ଭଲରେ ଥିବୁ । ମୁଁ ବି ମୋ' ସଂସାରରେ ବ୍ୟସ୍ତ କିନ୍ତୁ ଏତେ ବ୍ୟସ୍ତ ନୁହଁ ଯେ ତୋତେ ମିସ୍ ବି କରିବିନି । ଆମ ସେ ପୁରୁଣା ସୁନ୍ଦର ଖିଆଲି ଦିନ ଗୁଡା ମନେପକେଇବିନି । ଆଜି ବି ରୁଟି ସେକିଲା ବେଳେ ଲକ୍ଷେ ଚେଙ୍ଗା ଖାଏ ଲୋ', ତୁ' କହୁନି କି,"ଏ ବନ' ତୁ' କେମିତି ରୁଟି ଫୁଲାଉ ଏତେ ସୁନ୍ଦର; ମୁଁ କାଇଁ ପାରୁନି" । ଆଜି ବି ତରକାରୀ କଲାବେଳେ ଅଜାଣତେ ତତେ ତା'ପରେ କ'ଣ ହବ କହିହେଇଯାଏ । ତୁ ଟା ତ ଗଧୁଣୀ ଟା

ମୋ'ଠୁଁ ଖାଲି ବର୍ଷ ୨ଟା ବଡ଼ ସିନା..! କିନ୍ତୁ କେମିତି ତୋ'ର ସେ ପତଳା ଶରୀରରେ ମୋତେ ସାଇକେଲରେ ବୋହି ଜଗତସିଂହପୁରରୁ ତୁମ ଘର ଯାଏଁ ନେଇପାରୁ କହ ତ.. ମୁଁ ତ ଥରେ ତତେ ପଛରେ ବସାଏନି ସାଇକେଲର..ଆଉ କହିଲେ ତୋ'ଠୁ ଗାଳି ପଦେ ତଳେ ପଡେନି । କୋଉ କାମରେ ଜଗତସିଂହପୁର ଆସିଥିଲେ, ମୋତେ ଦେଖା କରିବାକୁ ଭୁଲୁନି ତୁ । କଲେଜ୍ ସାମ୍ନା ଲେଡିଜ୍ କର୍ଣ୍ଣରରୁ ୫ ଟଙ୍କିଆ ସୋନ୍ ପାପ୍ଡି ମିଠାଟାଏ ବଢେଇ ଦେଇ ଗପିବାକୁ କହୁ ମୋତେ । ତୁ ଖା' ନାନୀ' କହିଲେ; ଗପରେ ମଜେଇ କହୁ, "ତୁ' ଖା' ମତେ କ'ଣ ମିଠା ଭଲଲାଗେ । "ଆଜି ଇଏ' କେତେ ପ୍ରକାରର ମିଠା ଆଣି ଘରେ ଗଦାନ୍ତି ମୋତେ ଭଲ ଲାଗିବ ବୋଲି । କିନ୍ତୁ ସତରେ ଲୋ' ସେଇ ସୁଆଦ ମିଳେନା ! ପିଲାଦିନେ ଆମେ କାଳେ କେବେ ଝଗଡା କରିଥିଲେ, ତୋ' ଦାଦା' ଖୁଡୀ ଅଧିକା ନାଁ.. ମୋ' ମାଉସୀ ମଉସା ଅଧିକା.. କିନ୍ତୁ ଝଗଡ଼ା କେବେ ଆରମ୍ଭ ହେଇ କେବେ ସରିଥିଲା ମନେ ନାହିଁ, ଖାଲି ଏତିକି ଜାଣେ; ଯିଏ ତୋ' ଖୁଡୀ ହେଇ ଯାଇଥିଲେ ଆଉ ତୋ' ଲାଗି ବହୁତ କିଛି କରୁଥିଲେ,

ସେ ମୋ' ବୋଉ'ର ଅନୁପସ୍ଥିତିରେ ମୋତେ କୋଳେଇ ଜହ୍ନ ଦେଖେଇ ମାଉସୀ'ରୁ ମା' ପାଲଟିଥିଲେ । ମଝିମଝିରେ ତୁମ ଘରକୁ (ମାଉସୀ ଘର) ଗଲେ ସମସ୍ତଙ୍କ ଠୁଁ ବେଶୀ ନିଜର ଲାଗୁ ତୁ' । ଜାଣିଶୁଣି ପୋଷାକ ନନେଇ ତୋ'ପୋଷାକ ପିନ୍ଧିବାର ମଜା ନିଏ ମୁଁ । ମୁଁ ଗଲେ ତୁ' ସ୍କୁଲ କଲେଜ୍ ବେଶୀରେ ଯାଉନା, ଆଉ ଗଲେ ତୋ' ପେଟ କାମୁଡିବା କି ମୁଣ୍ଡ ବିନ୍ଧିବା ଟି ଥୟ । ତୁ' ମୁଁ ,ନାନୀ', ଗୋପ' ଲକିନା' ଶୀତ' ସଭିଏଁ ମିଶି ପଢାଘରେ ମାଉସୀ ମଉସାଙ୍କ ସାଙ୍ଗେ ମିଶି ଟିଭିଦେଖା ଆଉ ହସରୋଳରେ ଭିଜୁ । ବହୁତ ଥର ଭାବପ୍ରବଣ ମନ ଇର୍ଷାରେ ଭାବିପକାଏ, ତୁ ଲକିନା'ର ବଡନନା'ଙ୍କ ଝିଅ ନହେଇ ମୋ' ବଡନନା'ଙ୍କର ହେଇନଥାନ୍ତୁ..! କିନ୍ତୁ ସେମିତି ନୁହେଁ । କେତେ ଅକୁହା କଥା ଆମେ କଥା ହେଇଚୁ କହତ ବନ୍ଧୁ ହେଇ, କେତେ ଥର ତୁ ମୋତେ କୋଳେଇ ନେଇଚୁ, ଭାଙ୍ଗିପଡନା କହି..କଲେଜ୍ ପରେ, ତୋ' ବାହାଘର ପରେ ଦୂରେଇଗଲେ ଆମେ । ତୁ ତୋ ନୂଆ ସଂସାରରେ ଆଉ ମୁଁ ମାମୁଁ

ଘରୁ ଯାଇ ବାବା' ମା'ଙ୍କ ପାଖେ । ହେଲେ ବି ସମ୍ପର୍କର ମଙ୍ଗ ଗୋଟାକ ଫୋନ୍ ଧରିଥିଲା ଆଉ ଠିକ୍ ଠିକ୍ ଦାୟିତ୍ୱ ବି ତୁଲୋଉଥିଲା । ତୁ' ତୋ ପୁଅ ହବାର ଖୁସିଟା ବି ହସ୍ପିଟାଲ ବେଡରୁ, ମୋ ସାଙ୍ଗେ ଏତେ ଦୂରରୁ ବାଣ୍ଟିବାକୁ ଭୁଲିନଥିଲୁ । କିନ୍ତୁ ମୋ' ବାହାଘର ବେଳେ କିଛିଟା ଗାଉଁଲିଆ ଫର୍ମାଲିଟି କୁ ନେଇ ବାପା' ନିମନ୍ତ୍ରି ପାରି ନଥିଲେ ତତେ । ଆଉ ଖରାପ୍ ଲାଗିଥିଲା ମତେ । ତୋ'ର ବଦଳୁଥିବା ଫୋନ୍ ନମ୍ବରକୁ ମୋବାଇଲ୍ ରେ ଷ୍ଟୋର୍ କଲେ ବି ତତେ ଗୋଟେ କଲ୍ କରିପାରେନି ମୁଁ, ତୁ'କ'ଣ କହିବୁ ସେପଟୁ ବୋଲି । ଏଇମିତି ବର୍ଷ ପରେ ବର୍ଷ ଗଡିଚାଲିଥିଲା । ଆଉ ଅକସ୍ମାତ୍ ତୋ'ଠୁଁ ଫେସ୍ ବୁକ୍ ରେ ନିମନ୍ତ୍ରଣଟେ ଚାଲିଆସିଲା ବନ୍ଧୁତାର । ମୁଁ ଆଉ କି ନିଜକୁ ରୋକେ.. କ'ଣ କ'ଣ କଥାହେଇ ତୁ ମୋତେ ନମ୍ବର୍ ମାଗି କଥାହେଇ ବର୍ଷିଗଲୁ କୋଉଦିନରୁ ବର୍ଷିନଥିବା ମେଘହେଇ । ଆଉ ମୁଁ ନୀରବୀ ଯାଇ ବର୍ଷାସ୍ନାତା ବାସ୍ନାଭରା କ୍ଷେତ ପାଲଟୁଥିଲି ଧିରେ । ତା'ପରେ ଗପିଲିଯେ ଗପିଲି ତତେ ଆଉ ପଦେ କୁହାଇନଦେଇ, ମୋ' ବୋଝ ହାଲ୍କା କରିବା ଯାଏଁ, ସତରେ ତୁ'ଟା କ'ଣ ମୋ' ଉପରେ ରାଗି

ପାରିବୁ..! ଆଶା, ଏବେ ଆମେ ଫିଦିନ୍ କଥାହେବା, ସମୟ କାଢ଼ି ମିଶିବା; ଆଉ ଜାହିର୍ କରିବା ଆମ ଅନ୍ତରଙ୍ଗତା ଟିକକ ଦବେଇନଦେଇ । ଦୂରରେ ଥିଲେବି, ବର୍ଷ ବର୍ଷ ଦେଖା ନହେଲେ ବି; ତୋ'ର ମୋ'ର ସମ୍ପର୍କ କହିଦେଇପାରେ, ଭଲପାଇବା ଆଉ ବନ୍ଧୁତାର ସଂଜ୍ଞା । ରହିଲି, ବହୁତ ଭଲପାଇବା, ଆଉ ବେଶୀ ଲେଖିପାରିବିନି ସେଇ ଖିଆଲି କଥା ଗୁଡା । ଲୁହ କେତେ ଟୋପା ଚଷମା କାଚରେ ବାଡେଇ ହେଇ ସାମ୍ନାରେ ମୋର ଯବନିକା ଟାଣିଲେଣି ।

(ଇତି)

ତୋ'ର 'ଫୁଲେଇ'

*****

ବେଦାନ୍ତ ଟାଉନସିପ,

ଝାରସୁଗୁଡା

# ସ୍କୁଟି

ସତ୍ୟ ରଞ୍ଜନ ମିଶ୍ର

(କାହାଣୀ ଏକ ମଧ୍ୟବିତ୍ତ ପରିବାରର । ଚରିତ୍ର ମାନେ ହେଲେ, ଗୃହ କର୍ତ୍ତା ଚୈତନ୍ୟ ମିଶ୍ର, ଜାତିରେ ବ୍ରାହ୍ମଣ, ଧର୍ମପତ୍ନୀ ନିରୁପମା ଏବଂ ଏକମାତ୍ର ପୁତ୍ର ବାବୁନା । ପୂଜାପାଠ, କର୍ମ-କର୍ମାଣି ହୋମଯଜ୍ଞରେ ଆଖପାଖ ୫ ଖଣ୍ଡ ଗାଁରେ ମିଶ୍ରେଙ୍କର ନାଁ ଡାକ । ତା'କୁ ଛାଡି ଭାଗ ଚାଷ ବାବଦକୁ ପୈତୃକ ଜମିଖଣ୍ଡକରୁ ଯାହା ଯେତିକି ମିଳେ, ମିଶ୍ରେ ଆପଣେ ବର୍ଷ ସାରା ସୁଖେ ଦୁଃଖେ ତାଙ୍କ ଛୋଟ ପରିବାରକୁ ସେଇଥିରେ ଚଳେଇ ନିଅନ୍ତି । ପତ୍ନୀ ନିରୁପମା ହେଲେ ସୁଗୃହିଣୀ ଏବଂ ପୁତ୍ର ବାବୁନା ବି. ଟେକ ଶେଷ ବର୍ଷର ଛାତ୍ର ।)

ରବିବାର, ସମୟ ଦିନ ଦଶଟା । ବାବୁନା ଦାଣ୍ଡଘରେ ବସି ମୋବାଇଲ ଫୋନରେ ବ୍ୟସ୍ତ । ନିରୁପମା, ଫୁଙ୍କନଳିଟା ଧରି ଓଦା ଜାଳ ଯୋଗୁଁ ନିଆଁ

ଧରୁ ନଥିବା ଧୂମପୂର୍ଣ୍ଣ ଚୁଲିକୁ ଫୁଙ୍କିବାରେ ବ୍ୟସ୍ତ । ଏତିକି ବେଳେ ବାହାରୁ ମିଶ୍ରେଙ୍କ ସାଇକେଲ ଷ୍ଟାଣ୍ଡ ମାରିବାର ଶବ୍ଦ ଆଉ ଘର ଭିତରକୁ ପ୍ରବେଶ )

ଚୈତନ୍ୟବାବୁ : (ବାହାରୁପାଟିକରି) ଆରେ ବାବୁନା ଶୁଣୁଛୁ.. ବାବୁନାରେ କୁଆଡେ ଗଲୁ କିରେ ?..ଶୁଣୁଛୁ ଟି ?

ନିରୁପମା : (ଗୁଣୁ ଗୁଣୁ ହେଇ) ହେଇଲୋ ମା ଆସିଗଲେ ଲୋ ।ଏ ନିଆଁ ଲଗା ଚୁଲିକୁ ବି ଏତିକିବେଳେ ଲିଭିବାର ଥିଲା । ଏଇଲେ ଏ ଲୋକ ମୋ ଜୀବନ ଖାଇବ । କ'ଣ କରିବି ଲୋ, ମା ଜାଗୁଳାଇ ମୋତେ ବଞ୍ଚା।

ଚୈତନ୍ୟବାବୁ : (ଘର ଭିତରକୁ ପ୍ରବେଶ କରୁ କରୁ ଚିଡ଼ି ଉଠିଲେ) ଓହୋଃ.. କି ବିକଟାଳ ଧୂଆଁ... ଏ ଘରେ ମଣିଷ ରହିବେଟି ?.. ସତରେ.. ପ୍ରକୃତି ନୈବ ମୁଚ୍ୟତେ... ମୋତେ ଯେତେ ମାଠିବୁ ମାଠ, ମୁଁ ସେଇ ଦରପୋଡ଼ା କାଠ । ଯେତେ ବୁଝେଇଲେ କି କହିଲେ କିଛି ବି ଲାଭ ହବନି... ଚୁଲିରେ ଧୂଆଁ ଟିକେ ନକଲେ ଜମାରୁ ତ ଭଲ ଲାଗିବନି ଆଉ...

ଯେତେହେଲେ ବାପ ଘର ଅଭ୍ୟାସ ନା...ଏତେ ସହଜରେ କେମିତି ଛାଡ଼ିବ ? ମଶାଣି ଯାଏ ସାଙ୍ଗରେ ଯିବ ପରା ।

ନିରୁପମା : (ଚିହିଁକି ଉଠି) ହେଇଟି.... ଏମିତି କଥା କଥାକେ ବାପଘର ନାଁ ଧରିବନି କହୁଛି.. ନହେଲେ ଏଇଲେ ମୋ ଅସଲ ରୂପ ଦେଖିବ ।

ଚୈତନ୍ୟବାବୁ : ହଁ ହଁ ଦେଖିଚି.. ବାହାଘରକୁ ଆସି ୨୪ବର୍ଷ ହେଲା ଦେଖିଆସୁଛି... ଆଉ କୋଉ ରୂପ ବାକି ଅଛି କି ଆଜି ଦେଖିବି ?

(ଘର ଭିତରୁ ବାବୁନା ବାହାରି ଆସି)

ବାବୁନା : ଓହୋଃ.. ତୁମ ଦିଜଣଙ୍କର ପୁଣି ମହାଭାରତ ଆରମ୍ଭ ହେଇଗଲା ? ଯେତେବେଳେ ଏକାଠି ହେଲ, ସେତେବେଳେ କଳି ଆରମ୍ଭ ?...ଛୋଟଛୁଆଙ୍କ ଠାରୁ ବି ବଳି ଗଲଣି । ସ୍କୁଲ ଛୁଆ ବି ଆଜି ମିଟି କଲେ ତିନି ଦିନ ଯାଏ ଆଉ କଳି କରୁନାହାନ୍ତି ? ଦିଜଣ ଯାକ ଟିକେ ହେଲେ ଲାଜ ସରମ ତ ରଖ...

ଚୈତନ୍ୟବାବୁ : ଲାଜ ସରମ ! ହେଁ.. ସେଇଟା କେମିତିଆ କ'ଣ, ତୋ

ବୋଉ ଜାଣିଚି କେବେ ? କ'ଣ ଟିକେ କହିଲେ ସ୍ୱାମୀ ଉପରକୁ ଚିହିଁକି ଆସିବ ଯେ... ମାରେ ନ ମାରେ... ଛାଡ଼...କାହାକୁ ଆଉ କହିବି...ସବୁ ପୂର୍ବ ଜନ୍ମର ପାପ, ଏ ଜନ୍ମରେ ଭୋଗିବାକୁ ତ ହେବ । ଲୋକଟାଏ ତ ପାଇଲି । ମୋ କପାଳକୁ ଆସି ଜୁଟିଛି ଖାଲି କଳି କରିବାକୁ । ଦିନୁଟାଏ କଳି ନ କଲେ ପୁଣି ବେଦ ଅଶୁଦ୍ଧ ହେଇଯିବ ଯେ ।

ନିରୁପମା : ନିଜେ ତ ଗୋଟାପଣେ ଭାରି ଭଲ ଆଉ...ମୋର ଭେକ ଯାଉଥିଲା ମୁଁ ତୁମ ସହ କଳି କରୁଥିଲି... କଳିଆ ଲୋକ ଯିଏ ଖାଲି କଳି କଥା ଖୋଜୁଥିବ...କେମିତି ଆରମ୍ଭ କରିବ ବୋଲି..ନ ହେଲେ ଖାଇବା ତକ ଜୀର୍ଣ୍ଣ ହବନି ପରା ।

ବାବୁନା : ହଉ ଥାଉ । ଯେଝା ଯେଝା କାମ କର । ଆଉ ମୁହଁକୁ ମୁହଁ ଯୋଡ଼ି କଳି ବଢ଼ାଅନି... (ଚୈତନ୍ୟବାବୁଙ୍କୁ ଚାହିଁ) ନନା, ତମେ ଆଇଲ.. ମୁଁ ପଖାଳ ବାଢୁଛି... ଦିହେଁ ଖାଇବା.. (ତାପରେ ନିରୁପମାଙ୍କୁ ଚାହିଁ)... ବୋଉଲୋ .. ତୁ ଆଉ ସେ ଚୁଲି ନ ଫୁଙ୍କି ଆଉ ଟିକେ କିରୋସିନ

ପକେଇ ନିଆଁ ଧରେଇଲୁ... ଧୂଆଁରେ ଘର ଦ୍ୱାର କଳା ହେଇଗଲାଣି, ଆଉ ଟିକେ ଧୁଆଁ ହେଲେ ଦମକଳ ବାଲା ଧାଇଁଆସିବେ ।

(ତରକାରୀ କିରାସିନି ଗନ୍ଧ ହେଲେ ମତେ ପରେ ଦୋଷ ଦବନି କହିଦଉଛି - ଏତିକି ଶୂନ୍ୟବାଣୀ କରି ନିରୁପମା ଡିବିରୁ କିରୋସିନ ନିଗାଡ଼ି ଚୁଲି ଲଗେଇଲେ ଆଉ ଧୁଆଁ କମିଲା ପରେ ଯାଇ ଚୈତନ୍ୟବାବୁ ଚୁପଚାପ ଆସି ଖାଇବା ଜାଗାରେ ତାଙ୍କ ଆସନ ପକେଇ ବସିଲେ । ବାବୁନା ଭାତ ହାଣ୍ଡିରୁ ପଖାଳ ଦୁଇ କଂସା ବାଢିଦେଇ, ଲୁଣ, ଲଙ୍କା, କାଗେଜି ଫାଳେ, ରସୁଣ ଦି ପାଖୁଡ଼ା, ପୋଡ଼ା ବାଇଗଣଟେ ଆଉ କଲରା ଆଳୁ ଭଜା ଆଣି ନନାଙ୍କ ସାମ୍ନାରେ ରଖିଲା । ନିଜେ ପିଢା ପକେଇ ବସିଲା ଆଉ ଭାତ ଗୋଳେଇ ଖାଇଲା । ଦି ଗୁଣ୍ଡା ଖାଇଛି କି ନାହିଁ, ବାବୁନା ଚୈତନ୍ୟବାବୁଙ୍କୁ ପଚାରିଲା)

ବାବୁନା :ନନା.. ତମେ ଯୋଉ ମିଳୁ ଭାଇନା ଘରକୁ ଯାଇଥିଲ.. ସ୍କୁଟି କଥା ବୁଝିବାକୁ..କ'ଣ ହେଲା ସେଠି ?

ଚୈତନ୍ୟବାବୁ :(ଚିହିଁକି ଉଠି) ସେ ସ୍କୁଟି ଫୁଟି ଆମର କିଛି ଆସିବନି..

ବାବୁନା: ଓହୋଃ. ଟିକେ ଶାନ୍ତ ହୁଅ, ରାଗୁଚ କାଇଁ ?.. ତମେ ଆଗ ଢ଼ୋକେ ତୋରାଣି ପିଅ । ମୁଣ୍ଡ ଥଣ୍ଡା କର, ତାପରେ କୁହ..

ଚୈତନ୍ୟବାବୁ : ମୁଣ୍ଡ କଣ ଥଣ୍ଡା କରିବି... ଏଠି ଯୋଉ ଲୋକଟା ଘରେ ଅଛି.. ସେ କ'ଣ କାହା ମୁଣ୍ଡକୁ ଥଣ୍ଡା ରଖେଇ ଦେବ ?

ବାବୁନା : ହଉ ହଉ ହେଲା, ତମେ ତ ଜାଣିଛ ସେ କେମତିଆ ଲୋକ । ହେଲେ, ତମେ ବୁଝିବା ଶୁଝିବା ଲୋକ ହେଇ ଯଦି ଏମିତି କହିବ, ତାହେଲେ ସେ ଅବୁଝା ଲୋକକୁ କଣ ବୁଝେଇବ ।ହଉ, ତମେ ଆଗ କହିଲ, ମିଲୁ ଭାଇନା କଣ କହିଲେ ସ୍କୁଟି କଥା ?

ଚୈତନ୍ୟବାବୁ : (ପଖାଳ ଗୁଣ୍ଡାଏ ପାଟିରେ ଭର୍ତ୍ତି କରି, ଅଧକଂସା ସରିକି ତୋରାଣି ପିଇଦେଇ ଗୋଟେ ହାକୁଡ଼ି ମାରି, ଟିକେ ନରମ ସ୍ୱରରେ ଉତ୍ତର ଦେଲେ) ଆରେ, ସେଇ କଥା କହିବାକୁ ଆସୁଥିଲି । ଏ ଲୋକଟା ପରା ମୁଣ୍ଡ ଖରାପ କରିଦେଲା ।

ବାବୁନା : ଓହୋ..ରେ.. ତମେ ତ ତା'ରି ପଛରେ ପଡ଼ିଛ, ତା କଥା ଛାଡ଼, ସ୍କୁଟି କଥା କ'ଣ ହେଲା ଏଥର କୁହ ।

ଚୈତନ୍ୟବାବୁ : (ନରମ ସ୍ୱରରେ) ଯାଇଥିଲି ମିଲୁ ଘରକୁ, ହେଲେ ସେ କହୁଛି ଯେ କାଗଜପତ୍ର ବାବଦକୁ ମିଶେଇ ତିରିଶ ହଜାରେ ଟଙ୍କା ନେବ । ତିନି ବର୍ଷ ପୁରୁଣା ଗାଡି । ଟଙ୍କା ଦେଲେ ସେ କହୁଛି, ଆଜି ଗାଡ଼ି ନେଇଯାଅ ।

ବାବୁନା :(ଖୁସିରେ) ଆରେ ବାଃ.. ଏତେ ଶସ୍ତାରେ ଏତେ ସୁନ୍ଦର ଗାଡି !!!..ବଢିଆ ହେଲା.. ଚାଲ, ଆଜି ଯାଇ ଗାଡି ନେଇ ଆସିବା ।

ଚୈତନ୍ୟବାବୁ :(ମୁଖକୁ ବିମୁଖ କରି) ହୁଁ.. କ'ଣ ନେଇ ଆସିବା ମଁ.. ମୁଁ ଏମିତି ବୁଝିବାକୁ ଖାଲି ଯାଇଥିଲି ନା ଆଉ...ଏବେ ଆମର କିଏ ଗାଡି ଆଣିବ ମଁ ?.. ସେଇଟା ଆମର କୋଉ କାମରେ ଲାଗିବ ?

ବାବୁନା :(ଅଳ୍ପ ବିରକ୍ତି ଭାବ ସହ) ଆରେ ମୁଁ ତମକୁ ଶହେ ଥର ସେକଥା କହିସାରିଲିଣି ପରା ।

କେତେବେଳେ କ'ଣ ଏମରଜେନ୍ସି ପଡିଲେ ପାଖରେ ଗାଡ଼ିଟିଏ ଥିଲେ, କେତେ ସୁବିଧା । କୁଣିଆ ଘରକୁ ଗଲେ ଫଟକିନା ଧରିକି ଚାଲିଯିବ । କାହାକୁ ଆଉ ଖୋସାମତ କରିବାକୁ ପଡ଼ିବନି । ତାଛଡା ଆଉ ବର୍ଷେ ପରେ ମୁଁ ଯେତେବେଳେ ଚାକିରୀ କରିବି ସେତେବେଳେ ତ ମୋର ଗାଡ଼ିଟିଏ ନିହାତି ଦରକାର । ମୁଁ ପୁଣି ଏବେଠୁ ଶିଖିଲେ ସିନା ଯାଇ ସେତେବେଳେ କାମରେ ଲାଗିବ ।

ଚୈତନ୍ୟବାବୁ : ହେଁ.. ଖାଲି ନେଇ ଆଇଲେ ହେଇଯିବ.. ? ତାକୁ ପୁଣି ମେଣ୍ଟେନ କରିବାକୁ ହଜାର ହଜାର ଖର୍ଚ୍ଚ । ପୁଣି ତେଲ ପକେଇବାକୁ ଖର୍ଚ୍ଚ । ନା..ହେଇପାରିବନି ସେକଥା... ଆମର ସାଇକେଲ ସବୁଠୁ ଭଲ ।

ବାବୁନା :(ଅଳ୍ପ ଟିକେ ଚିଡିଯାଇ) ତୁମ ସାଇକେଲ ଭଲ ହେଇଥାଉ । ଯୁଗ ବଦଳିଲାଣି । ଏବେକା ଯୁଗ ଅନୁସାରେ ଚଳିବାକୁ ହବ ନା । ଲୋକ ତୁମକୁ କ'ଣ କହୁଛନ୍ତି ତୁମେ ଜାଣିପାରୁନ ?

ଚୈତନ୍ୟବାବୁ : ସେ ଲୋକଙ୍କ କଥାରୁ କ'ଣ ମିଳିବ ? ବାର ଲୋକ ବାର କଥା କହିବେ । ଲୋକ ଯିଏ ଯାହା କହୁଛନ୍ତି, କୁହନ୍ତୁ, ସେ କ'ଣ ଆମକୁ ପୋଷୁଛନ୍ତି ? ଆଗ ସେ ବାଟମେଲା ଭାଙ୍ଗି ଘର ତିଆରି କରିବା । ପାହାଚରେ ସୁଲୁପ ତିଆରି କରିବା । ତାପରେ ଯାଇ ଗାଡି ଆସିବ । ବୁଝିଲୁ ?

ବାବୁନା : ସେତେବେଳକୁ ମୁଁ ବୁଢା ହେଇଯାଇଥିବି ।

ଚୈତନ୍ୟବାବୁ : ହଉ ବୁଢା ହେଲେ ହଅ । ତୁ ଆଗ ଚାକିରୀ କର, ତୋ ପଇସାରେ ତୁ ତୋର ଗାଡି କରିବୁ, ତୁ ଚଢ଼ିବୁ ।

ବାବୁନା : (ଚିଡିଯାଇ) ମୁଁ ତ ସବୁ କରିବି, ତାହେଲେ ମୋତେ ଜନ୍ମ କାଇଁ କରୁଥିଲ ?

ଚୈତନ୍ୟବାବୁ :(ଚିହିଁକି ଉଠି) ତୋତେ ଜନମ କରିଥିଲି ବା ଏଇଆ ଶୁଣିବା ପାଇଁ ? ବୋପା ମୁହଁରେ ଜବାବ ଦେବୁ । ଶଳା ମା ଜେମନକୁ

ଛୁଆ ତେମନ । ସମସ୍ତଙ୍କ ମୁହଁ ବଢ଼ିଗଲାଣି । କେହି ଆଉ ଛୋଟିଆ ଉପରେ ନାହାନ୍ତି ।

(ବାବୁନା କିଛି କହିବାକୁ ଯାଉଥିଲା ହେଲେ ଏତିକିବେଳେ ନିରୁପମା ଘର ଭିତରକୁ ପଶି ଆସି ବାବୁନାକୁ ରୋକିଦେଇ କହିଲେ

ନିରୁପମା : ତୁ ତାଙ୍କୁ କିଛି କହନାରେ ବାବୁନା । ସେ ଲୋକ ଯାହା ବୁଝିଥିବେ ସେଇଆ । ସ୍ୱର୍ଗରୁ ହରବ୍ରହ୍ମା ଆଇଲେ ବି ତାଙ୍କୁ ବଦଳେଇପାରିବେନି । ତୁ ଛାଡ ତାଙ୍କ କଥା । ତୁ ଆମର ମୋ ପାଇଁ ଟିକେ ଚା ବସେଇଲୁ ।

(ବାବୁନା ଖାଇସାରି ହାତ ଧୋଇ ଚା ବସେଇବାକୁ ଗଲା । ତା ପଛେ ପଛେ ଚୈତନ୍ୟବାବୁ ବି ଖାଇସାରି ଉଠି ହାତ ଧୋଇବାକୁ ଗଲେ । ହାତ ଧୋଇ ସାରି କହିଲେ)

ଚୈତନ୍ୟବାବୁ : ଓହୋ.. ଏଠି ଆଉ ଏ ମା ପୁଅଙ୍କ ଦାଉରେ ଚଳି ହବନି ।

କୋଉ ଜନ୍ମରେ କୋଉ ପାପ କରିଥିଲି କେଜାଣି, ଠାକୁରେ ମୋତେ ଆଣି ଏମିତିଆ ସଂସାରରେ ଘାଣ୍ଟୁଛନ୍ତି ।

(ଏତିକି କହି ଗାମୁଛାରେ ହାତ ପୋଛିଲେ ଆଉ ଚପଲ ମାଡି ବାହାରକୁ ଚାଲିଗଲେ)

ବାବୁନା : ଆରେ ଆରେ କୁଆଡେ ଗଲେ ସେ ? ଚା ପିଇନଥାନ୍ତେ ? ସବୁବେଳେ ନାକ ଅଗରେ ରାଗ ।

ନିରୁପମା : ସେ ଯାଆନ୍ତୁ ଯୁଆଡେ ଯାଉଛନ୍ତି । ତୁ ଆମର କରିଦେ । ଆମେ ଦି' ଜଣ ପିଇଦେବା । ତାଙ୍କ ପାଇଁ ରଖିଦେଇଥିବା, ଆସିଲେ ନିଜେ ଗରମ କରି ପିଇବେ ।

ବାବୁନା : ହୁଁ..

(ବାବୁନା ସନ୍ତୋନରେ ଚା ତିଆରି କଲା, ତାପରେ ବାବୁନା ଓ ନିରୁପମା ଦିଜଣ ଯାକ ଚା ପିଇଲେ । ଚା ପିଇସାରି କପ ଧୋଇଲା ବେଳକୁ

ଚୈତନ୍ୟବାବୁ ତରତର ହେଇ ଘରକୁ ପଶି ଆସି ବାବୁନାକୁ ଡାକ ପକେଇଲେ)

ଚୈତନ୍ୟବାବୁ : ହେଇରେ ବାବୁନା ଶୁଣିଲୁନି ଗୋଟେ କଥା ?

ବାବୁନା: କ'ଣ ? କୋଉ କଥା ?

ଚୈତନ୍ୟବାବୁ : ଆରେ ନବୀନ ପଟ୍ଟନାୟକ କୁଆଡେ ଗୋଟେ ନୂଆ ସ୍କିମ କରିଛନ୍ତି । ଯୋଉଁ ଲୋକମାନଙ୍କ ପାଖରେ ବିଜୁ କୃଷକ କଲ୍ୟାଣ କାର୍ଡ ଅଛି, ସେମାନଙ୍କୁ କୁଆଡେ ଦୁଇ ଚକିଆ ଯାନ କିଣିବାକୁ ଅଧା ପଇସା, ମାନେ ୩୦,୦୦୦ ଟଙ୍କା ଯାଏ ଦିଆଯିବ । ସପ୍ତାହେ ଭିତରେ କାଗଜପତ୍ର ସହ ନୂଆ ଗାଡିର ଫୋଟୋ ଉଠେଇ ସରପଞ୍ଚଙ୍କୁ ଦେଲେ, ମାସକ ଭିତରେ ପଇସା ସିଧା ସଳଖ ତୁମ ବ୍ୟାଙ୍କ ଖାତାକୁ ଆସିଯିବ ।

ବାବୁନା : ହଁ ଶୁଣିଥିଲି, ଯେ ସେଉଠୁ...ଆମର କ'ଣ ଗଲା ? ଗଛରେ ବେଲ ପାଚିଲେ କାଉର କି ଯାଏ...

ଚୈତନ୍ୟବାବୁ : ଆରେ ବୋକା ବୁଝିପାରୁନୁ ?.. ମୁଁ କ'ଣ କହୁଥିଲି,

କହିଲୁ...ଆମେ ତିରିଶ ହଜାର ଦେଇ ମିଲୁଠାରୁ ସ୍କୁଟିଟା ନେଇ ଆସନ୍ତେ । ତାପରେ ଫୋଟୋ ଉଠେଇ କାଗଜପତ୍ର ପଠେଇଦେବା । ତାପରେ ଆମ ଖାତାକୁ ପଇସା ପଳେଇ ଆସିବ ଆଉ । ସ୍କୁଟିକୁ ସ୍କୁଟି କିଣିବା ହବ ଆଉ ପଇସା ବି ବଞ୍ଚିଯିବ । ବୁଝିଲୁଟି ଏଇଥର ନା କ'ଣ ?

ବାବୁନା : ହଁ ଯେ.. ହେଲେ ନନା...ଆମର ଏଇଲେ ଗାଡ଼ିଟିଏ କ'ଣ ହେବ ?

ଚୈତନ୍ୟବାବୁ : ଆରେ କେତେବେଳେ କ'ଣ ଏମର୍ଜେନ୍ସି ସମୟରେ ଗାଡ଼ିଟା ପାଖରେ ଥିଲେ ଗୋଟେ ଦମ୍ଭ ନା । ମାମୁଁ ଘରକୁ ଗଲାବେଳକୁ ଫଟ କିନା ଧରି ଚାଲିଯିବା ଆଉ କାହାକୁ ଖୋସାମତ କରିବାକୁ ପଡିବନି । ତୁ ପୁଣି ଚାକିରୀ କଲେ ଯିବା ଆସିବା କରିବୁ । ତୋର ପୁଣି ଦରକାର। ଏବେଠୁଁ ଚଢ଼ିଲେ ସିନା ଚାକିରୀବେଳକୁ ଶିଖିଯିବୁ ।

ବାବୁନା : ହଁ ଯେ, ପୁଣି ସେ ଗାଡିକୁ ମେଣ୍ଟେନ କରିବାକୁ ହଜାର ହଜାର ଖର୍ଚ୍ଚ । ପୁଣି ତେଲ ଖର୍ଚ୍ଚ ନାଁ ନାଁ ଥାଉ..ଆମର ସେଇ ସାଇକେଲ ଭଲ ।

ଚୈତନ୍ୟବାବୁ : ସାଇକେଲ କ'ଣ ଭଲ ? ଆଜିକା ଯୁଗକୁ ଗାଡ଼ିଟାଏ ପାଖରେ ନଥିଲେ କେତେ ଲୋକ କେତେ କଥା କହୁଛନ୍ତି, କହିଲୁ ?

ବାବୁନା : ସେ ଲୋକମାନେ କ'ଣ ଆମ କୁଟୁମ୍ବ ପୋଷୁଛନ୍ତି ? ଆମର ଏଇଲେ ଘରଦ୍ୱାର ନାହିଁ ଗାଡ଼ିଟାକୁ ଆଣି ରଖିବା କେଉଁଠି ? ଘରକାମ ସରୁ । ମୁଁ ଚାକିରୀ କରିସାରେ, ତାପରେ କିଣିବା ।

(ଚୈତନ୍ୟ ବାବୁ ଆବାକ୍ ହୋଇ ବାବୁନା ମୁହଁକୁ ଚାହିଁଥାନ୍ତି । ନିରୁପମା ଟା କପରେ ମୁଁହ ଲୁଚେଇ ମୁରୁକି ମୁରୁକି ହସୁଥାନ୍ତି । ତା ପରେ ଅଳ୍ପ ରାଗ ଓ ଅଳ୍ପ ଅଭିମାନରେ ଚୈତନ୍ୟବାବୁ ବାବୁନାକୁ କହିଲେ)

ଚୈତନ୍ୟ ବାବୁ: ହଉ ହଉ ତୁ ଆଉ ବୋପାକୁ ଭାଗବତ ପଢ଼ାନା । ତୋ ଡାଇଲଗବାଜି ତୋ ପାଖରେ ରଖ । ଗାଡି ଆଣିବାର ନାହିଁ ତ ନ ଆଣ । ପଛରେ ଆଉ କହିବୁ ନାହିଁ ଯେ ନନା ମୋ ପାଇଁ କିଛି କଲାନାହିଁ ବୋଲି । ତୁ ଏଇଲେ ତୋ ବୋଉ କଥା ଶୁଣୁଛୁ ତ ଶୁଣୁଥା.. ବୋଉ ବୁଦ୍ଧିରେ କେତେ ବାଟ ଚାଲିବୁ ଦେଖିବା ।

ଦିନେନା ଦିନେ ପସ୍ତେଇବୁ ଆଉ ସେତେବେଳେ ଭାବିବୁ ନନା ଠିକ କହୁଥିଲେ ନା ଭୁଲ କହୁଥିଲେ।

(ବାବୁନା ଅଳ୍ପ ଅଳ୍ପ ହସି, ଚା ଗରମ କରି, ଗିନାରେ ଚା ଓ ସେଓ-ଗାଣ୍ଠିଆ ମୁଠେ ପକେଇ ଚୈତନ୍ୟ ବାବୁଙ୍କୁ ଦେଉ ଦେଉ କହିଲା)

ବାବୁନା : ହଉ ଆଉ ବୋଉକୁ ମଝିରେ ପୁରାଅ ନାହିଁ । ନିଅ ଚା ନିଅ, ପିଇ ଦିଅ ।

(ଚୈତନ୍ୟ ବାବୁ ମୁହଁଟାକୁ ଗୁମ କରି ଚା ପିଇବା ଦେଖି ବାବୁନା ପାଟି ଖୋଲିଲା)

ବାବୁନା : ସେ ଗାଡି ଫାଡ଼ି କଥା ମୁଣ୍ଡରୁ କାଢ଼ । ନବୀନ ପଟ୍ଟନାୟକ ସେମିତିକା କିଛି ସ୍କିମ୍ କରିନାହାନ୍ତି । ମୁଁ ସୁବାଷ ଦାଦାଙ୍କ ଆଗରେ କହିଥିଲି ତୁମ ଆଗରେ ଏମିତି ମିଛରେ ଗପିବାକୁ । ଯେମିତି ମୁଁ ତୁମ ମନ କଥା ଜାଣି ପାରିବି ।

ଆଉ ସତକୁ ସତ ମୁଁ ଯାହା ଅନୁମାନ କରିଥିଲି ଠିକ୍ ସେଇଆ ହେଲା ।

*ସତରେ...ଆଜିକା ଦୁନିଆଁରେ ଲୋକଙ୍କୁ ଲୋଭ ଏମିତି ଗ୍ରାସିଛି ଯେ ପାଖରେ କୋଟିଏ ଟଙ୍କା ଥାଇବି ଭୋକ ହେଲେ ମାଗଣା ପିଚୁ ପୁଳାଏ ଗିଳିଦେବେ ।*

ଚୈତନ୍ୟବାବୁ : (ଆଶ୍ଚର୍ଯ୍ୟ ହୋଇ) ସେ ସୁବାଷଟା ମତେ ମିଛ କହିଲା ? ନାଇଁ ମ... ସତ ହେଇଥିବ କି କ'ଣ । ଟିଭି ଲଗେଇଲୁ ନିଉଜରେ ଦେଉଥିବ କାଳେ । ନ ହେଲେ ତୋ ମୋବାଇଲରେ ପରା କୁଆଡ଼େ ସବୁ ଖବର ଆସେ, ଖୋଜୁନୁ ।

ବାବୁନା : ଆରେ ନାଇଁ ମ, ନନା...ସତରେ ସେମିତି କିଛି ନାହିଁ... ତୁମେ ନିଜେ କହିଲ..ଏମିତିକା ସ୍କିମ କେବେ କୋଉଠି ଶୁଣିଛ ? ଯିଏ ଯାହା କହିଲା ସେଇଥିରେ ବିଶ୍ୱାସ କରି ଯାଉଛ । ହଉ, ଏବେ ସେକଥା ଛାଡ଼...


ତୁମେ ଚା ପିଇ ସାରି ଯାଅ ଦୋକାନରୁ ସଉଦା କିଣି ଆଣିବ । ଘରେ ଅଟା ଚାଉଳ କିଛି ନାହିଁ ।

(ଚୈତନ୍ୟବାବୁ ଚାହା କପଟା ଧରି ସେମିତି ଅବାକ ହୋଇ ଚାହିଁ ରହିଥାନ୍ତି ।)

*****

ଅଢ଼ଙ୍ଗ ଶାସନ, ଅଣଖିଆ

ବିରିଡି, ଜଗତସିଂହପୁର



ପ୍ରିୟ ପାଠକ/ପାଠିକା,

- ପ୍ରେରଣା ଇ-ପତ୍ରିକାର ଏହା ଫେବୃୟାରୀ ୨୦୨୦ ସଂସ୍କରଣ । ଏହି ସଂସ୍କରଣଟି ଆପଣଙ୍କୁ କିପରି ଲାଗିଲା ଆମକୁ ନିଶ୍ଚିନ୍ତ ଜଣାନ୍ତୁ ।
- ପ୍ରିୟ ଲେଖକ/ଲେଖିକା ମାନଙ୍କୁ ଉତ୍ସାହିତ କରିବା ପାଇଁ ତଥା ପତ୍ରିକାକୁ ଅଧିକ ସରସ ସୁନ୍ଦର କରିବାରେ ଆପଣଙ୍କ ସୁଚିନ୍ତିତ ମତାମତ ନିତ୍ୟାନ୍ତ ଆବଶ୍ୟକ ।
- ପ୍ରକାଶନରେ ହୋଇଥିବା କୌଣସି ତ୍ରୁଟି ଆମକୁ ଜଣାଇଲେ ପରବର୍ତ୍ତୀ ସଂସ୍କରଣରେ ତା'ର ମାର୍ଜନା ପ୍ରତି ଯତ୍ନବାନ ହେବୁ ।

ଆପଣଙ୍କ ମତାମତ ପ୍ରେରଣା ୱେବସାଇଟରେ *www.preranaodia.com/feedback* ପ୍ରଦାନ କରିବାକୁ ଅନୁରୋଧ ।

Prerana e-Store

*The Ultimate Bookshop*

https://store.preranaodia.com/